## ସଂକ୍ଷେପରେ

### ଗଚ୍ଛିତ ବାଲି ଜବତ କଲା ତହସିଲ ପ୍ରଶାସନ

ବରୀ,୧୧।୨(ଡି.ଏନ.ଏ.): ବାଲି ମାଫିଆମାନେ ବିଭିନ୍ନ ସ୍ଥାନରୁ ବେଆଇନ ଭାବେ ବାଲି ଉଠାଣ କରୁଛନ୍ତି। ପରେ ତାହାକୁ ଚଢ଼ା ଦରରେ ଲୋକଙ୍କୁ ବିକ୍ରି କରୁଛନ୍ତି। ଏନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ତହସିଲଦାର ତିଲୋତ୍ତମା ପୃଷ୍ଟି ବେଆଇନ ବାଲି ଉଠାଣ ଓ ଗଚ୍ଛିତ ଉପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି। ଶନିବାର ତହସିଲଦାର ପୃଷ୍ଟି ଅଙ୍ଗାଲୋ ପଞ୍ଚାୟତର ଡିହବାରିଙ୍ଗଠାରେ ପହଞ୍ଚି ବେଆଇନ ଭାବେ ଗଚ୍ଛିତ ଥିବା ବାଲିକୁ ଜବତ କରିଛନ୍ତି। ଜବତ ବାଲିକୁ ନିଲାମ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ କେବଳ ଡିହବାରିଙ୍ଗ ନୁହେଁ ଏହି ତହସିଲ ଅଧୀନ ବିଭିନ୍ନ ସ୍ଥାନରେ ବାଲି ଗଚ୍ଛିତ ରହିଥିବା ବେଳେ ତହସିଲ ପ୍ରଶାସନ ଦୀର୍ଘ ଦିନ ଧରି ଖବର ନ ପାଇବା ପଛରେ



କ'ଣ ରହସ୍ୟ ରହିଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ତହସିଲଦାର ପୃଷ୍ଟିଙ୍କୁ ପଚାରିବାରେ ସେ କୁହନ୍ତି, କୌଣସି ପରିସ୍ଥିତିରେ ବେଆଇନ କାର୍ଯ୍ୟକୁ ପ୍ରଶ୍ରୟ ଦିଆଯିବ ନାହିଁ। ଆଗାମୀ ଦିନରେ ବେଆଇନ ବାଲି ଉଠାଣ ଓ ବାଲି ଚୋରାଚାଲାଣ ଉପରେ ରୋକ୍ ଲଗାଇବା କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ।

### ଦର୍ପଣ ତହସିଲଦାରଙ୍କୁ ଗାଳିଗୁଲଜ ଅଭିଯୋଗ

ଚଣ୍ଡିଖୋଲ,୧୧।୨(ଡି.ଏନ୍.ଏ.): ଯାଜପୁର ଜିଲା ଦର୍ପଣ ତହସିଲଦାର ଶୁଭଦର୍ଶନ ମିଶ୍ର ଶୁକ୍ରବାର ବନ୍ଧାଲ-ଏଣ୍ଡରପଦା ରାସ୍ତାରେ ଯାଉଥିବାବେଳେ ୩ଜଣ ଅସାମାଜିକ ଯୁବକ ତାଙ୍କୁ ଅଟକାଇ ଗାଳିଗୁଲଜ କରିବା ସହିତ ଆକ୍ରମଣ ଉଦ୍ୟମ କରିଛନ୍ତି। ଏନେଇ ତହସିଲଦାର ମିଶ୍ର ବଡ଼ଚଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଆଧାରକରି ପୋଲିସ ନଂ.୩୩/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ହେଲେ ଗାଳିଗୁଲଜ କରିଥିବା ଯୁବକମାନଙ୍କୁ ଗିରଫ କରିବାରେ ପୋଲିସ ସକ୍ଷମ ହୋଇନାହିଁ। ସୂଚନା ଥାଉକି, ବନ୍ଧାଲ-ଏଣ୍ଡରପଦା ରାସ୍ତା କଡ଼ରେ ଏକ ଜମି ଅଧିଗ୍ରହଣ ପାଇଁ କ୍ଷେତ୍ର ପରିଦର୍ଶନ କରି ତହସିଲଦାର ଫେରୁଥିଲେ। ଏହି ସମୟରେ ସମ୍ପୃକ୍ତ ୩ଜଣ ଯୁବକ ରାସ୍ତା କାହିଁ ମରାମତି ହେଉନାହିଁ ବୋଲି ତହସିଲଦାରଙ୍କୁ ପଚାରିବା ସହିତ ଗାଡ଼ି ଅଟକାଇ ଗାଳିଗୁଲଜ କରିଥିଲେ।

# ୫ ଦଫା ଦାବିରେ ଆଦିବାସୀଙ୍କ ରେଳପଥ ଅବରୋଧ




୫ ଦଫା ଦାବିରେ ନେଇ ଲୋକେ ଯାଜପୁର-କେନ୍ଦୁଝର ରୋଡ୍ ରେଳପଥକୁ ଅବରୋଧ କରିଛନ୍ତି।

**ଖୋର୍ଦ୍ଧା ଡିଆର୍‌ଏମ୍, ଅତିରିକ୍ତ ଜିଲାପାଳ ଓ ଅନ୍ୟ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ**

କଳିଙ୍ଗନଗର,୧୧।୨(ଡି.ଏନ.ଏ.): ସାଙ୍ଗେଲ ଅଭିଯାନ କେନ୍ଦୁଝର ଜୋନାଲ କମିଟି ପକ୍ଷରୁ ଶନିବାର ୫ ଦଫା ଦାବିରେ ଯାଜପୁର-କେନ୍ଦୁଝର ରୋଡ୍ ରେଳଷ୍ଟେଶନରେ ରେଳପଥ ଅବରୋଧ କରାଯାଇଛି। ମାରାଂବୁରୁ ଅର୍ଥାତ ପାରସନାଥ ପର୍ବତ ଜୈନ ଧର୍ମାବଲମ୍ବୀଙ୍କଠାରୁ ଫେରାଇ ଆଦିବାସୀ ସମାଜକୁ ହସ୍ତାନ୍ତର କରିବା, ୧୫ ନଭେମ୍ବର ୨୦୦୦ରୁ ଗଢି ଉଠିଥିବା ଝାଡଖଣ୍ଡ ରାଜ୍ୟକୁ କୌଣସି ଆଦିବାସୀ ରାଜଭାଷାର ମାନ୍ୟତା ଦିଆଯାଇନାହିଁ। ଏଣୁ ସାନ୍ତାଳୀ ଭାଷାକୁ ଝାଡଖଣ୍ଡ ରାଜ୍ୟର ରାଜଭାଷାର ମାନ୍ୟତା ଦେବା, ଗଣତନ୍ତ୍ର ଦେଶରେ ସାମ୍ବିଧାନିକ ନିୟମ ଅନୁସାରେ ଆସାମ ଏବଂ ଆଣ୍ଡାମାନରେ ଥିବା ଆଦିବାସୀଙ୍କୁ ଏସ୍‌ଟି ମାନ୍ୟତା, ଆଦିବାସୀ ଅଞ୍ଚଳରେ ଭୂତ ପ୍ରେତ ନାମରେ ହତ୍ୟା, କଙ୍ଗାରୁକୋର୍ଟ, ମନଇଛା ଜରିମାନା, ସାମାଜିକ ବହିଷ୍କାର, ଭୋଟ କିଣାବିକା, ଆଦିବାସୀ ମହିଳା ବିରୋଧୀ ମାନସିକତା ଆଦି ଅମାନବୀୟ ପ୍ରଥାକୁ ସମାପ୍ତ କରିବା ଓ ପ୍ରଶାସନର ମାଝି ପାର୍ଗାନା ବ୍ୟବସ୍ଥାକୁ ସୁଧାରିବା ପାଇଁ ଆଦିବାସୀ ଗ୍ରାମ ସମାଜରେ ଜନତନ୍ତ୍ର ଏବଂ ସାମ୍ବିଧାନିକ ଆଇନଗତ ପଦକ୍ଷେପ ନେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି।

ଦାବିପତ୍ରର ଏକକିତା ନକଲ ଖୋର୍ଦ୍ଧା ଡିଆରଏମ୍, କଳିଙ୍ଗନଗର ଅତିରିକ୍ତ ଜିଲାପାଳ, ବ୍ୟାସନଗର ତହସିଲଦାର, ବ୍ୟାସନଗର ପୌରାଧ୍ୟକ୍ଷା ଓ ଯାଜପୁର ରୋଡ ଥାନାଧିକାରୀଙ୍କ ଅବଗତ ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରଦାନ କରାଯାଇଛି। ଏହି ଆନ୍ଦୋଳନରେ ଜୋନାଲ ସଭାପତି ସୁନାରାମ ମାରାଣ୍ଡି, କଲ୍ୟାଣ ବାସ୍କେ, ଭିମ ମୁର୍ମୁ, ଗୋନାରାମ ମୁର୍ମୁ, ଗୋପାଳ ଟୁଡୁ ଓ ମାନସିଂ ମାରାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ଯାଜପୁର ରୋଡ୍ ପୋଲିସ ଉପଖଣ୍ଡ ଅଧିକାରୀ ସଞ୍ଜୟ ପଟ୍ଟନାୟକ, ଯାଜପୁର ରୋଡ୍ ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନ, ଆରପିଏଫ୍ ଅଧିକାରୀ ପ୍ରବୀଣ କୁମାରଙ୍କ ସମେତ ୨ ପ୍ଲାଟୁନ ପୋଲିସ ଫୋର୍ସ ପହଞ୍ଚି ରେଳଧାରଣା ଆନ୍ଦୋଳନରତ ଆଦିବାସୀଙ୍କୁ ବୁଝାଇ ଧାରଣାରୁ ବିରତ କରିଥିଲେ।

# ଇଙ୍ଗାରେ ଖଣି ସୁରକ୍ଷା ସପ୍ତାହ ଉଦ୍‌ଯାପିତ

କାଳିଆପାଣି,୧୧।୨(ଡି.ଏନ.ଏ.): ଭାରତ ସରକାରଙ୍କ ଖଣି ସୁରକ୍ଷା ନିର୍ଦ୍ଦେଶାଳୟ ଭୁବନେଶ୍ୱର ଜୋନ୍ ପକ୍ଷରୁ ଆୟୋଜିତ ୪୦ତମ ଖଣି ସୁରକ୍ଷା ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ କାଳିଆପାଣି ଖଣି ଅଞ୍ଚଳର ଇଙ୍ଗା ଖଣିର ମହାଗିର କଲୋନୀ ପରିସରରେ ଅନୁଷ୍ଠିତ ସମାରୋହରେ ଖଣି ସୁରକ୍ଷା ମହାନିର୍ଦ୍ଦେଶକ ପ୍ରଭାତ କୁମାର ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଇଙ୍ଗାର ଆଜୀବନ ନିର୍ଦ୍ଦେଶକ ଚିତ୍ତରଞ୍ଜନ ରାଏ, ଭୁବନେଶ୍ୱର ଜୋନ ଖଣି ସୁରକ୍ଷା ନିର୍ଦ୍ଦେଶକ କ୍ରିଷ୍ଣେନ୍ଦୁ ମଣ୍ଡଳ, ଅନ୍ୟତମ ନିର୍ଦ୍ଦେଶକ ଟି. ହରି ପ୍ରସାଦ, ମହେଶ୍ୱର କେ. ରେଡ୍ଡି, ଶଙ୍କର୍ଷଣ ବେହେରା, ଓଡ଼ିଶା ଖଣି ନିଗମର ପ୍ରକଳ୍ପ ନିର୍ଦ୍ଦେଶକ କେସି ବ୍ରହ୍ମା, ବେଦାନ୍ତର ସିଇଓ ବଲାନ୍ତ ସିଂ ରାଠୋର ସମ୍ମାନିତ ଅତିଥିଭାବେ ଯୋଗଦେଇ ଖଣି ସୁରକ୍ଷା ଉପରେ ବକ୍ତବ୍ୟ ରଖିଥିଲେ। ସୁକିନ୍ଦା ରିଜିୟନ କ୍ରୋମାଇଟ୍ ଖାଦାନ ମଜଦୁର ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର ଅତିଥିଭାବେ ଯୋଗଦେଇ ଶ୍ରମିକଙ୍କ କଲ୍ୟାଣ ନିମନ୍ତେ ଖଣି ଅଞ୍ଚଳରେ ଏକ ଇଏସ୍‌ଆଇ ଡାକ୍ତରଖାନା ପ୍ରତିଷ୍ଠା ସହ ଶ୍ରମିକଙ୍କ ସାଲାରିର ସୁରକ୍ଷା ନିମନ୍ତେ ଦାବି ରଖିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ୪୬ଖଣିର ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଅଧିକାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଇଙ୍ଗା ଖଣି ବ୍ୟବସାୟିକ ମୁଖ୍ୟ ସନ୍ଦୀପ ବାପୁ ରାଓଜି ନାରଡେ ସ୍ୱାଗତ ଭାଷଣ ଦେଇଥିବାବେଳେ ବରିଷ୍ଠ ମହାପ୍ରବନ୍ଧକ ଲଲାଟେନ୍ଦୁ ମହାପାତ୍ର ଧନ୍ୟବାଦ ଦେଇଥିଲେ। କମ୍ପାନୀ କର୍ମଚାରୀମାନେ ଭୂତଳ ଖଣିରେ ଉଦ୍ଧାର କାର୍ଯ୍ୟର ଡେମୋ ଦେଖାଇଥିଲେ। ଦେବାଂଶୀ ଏକାଡେମୀ କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଓ କଳାହାଣ୍ଡି ଜିଲାର ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ବରିଷ୍ଠ ପରିଚାଳକ ଗିରୀଶ ପଟ୍ଟନାୟକ ଓ ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମିଳନ ରଞ୍ଜନ କର ମଞ୍ଚ ପରିଚାଳନା କରିଥିଲେ।

# ପୁଅ ଚିକିତ୍ସା ପାଇଁ ମା'ଙ୍କ ଆକୁଳ ନିବେଦନ



ସାମାଜିକ କର୍ମୀ ଲଳିତଙ୍କ ମା'ଙ୍କୁ ସହାୟତା ରାଶି ପ୍ରଦାନ କରୁଛନ୍ତି।

ବରୀ,୧୧।୨(ଡି.ଏନ.ଏ.): ବରୀ ବ୍ଲକ୍ ଅଧୀନ ଅଲିପୁର ପଞ୍ଚାୟତ ଅଲିପୁର ଗ୍ରାମର ଯୁବକ ଲଳିତ ମୋହନ ନାଥଶର୍ମା(୩୩) ଏକ ଅଜାଣ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ସେ ବିଭିନ୍ନ ସ୍ଥାନରେ ଚିକିତ୍ସିତ ହେବାପରେ ଏବେ ଘରେ ପଡ଼ି ରହିଛନ୍ତି। ମାତ୍ର ତାଙ୍କର ଉତ୍ତମ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ତେଣୁ ତାଙ୍କୁ ସହାୟତାର ହାତ ବଢ଼ାଇବାକୁ ତାଙ୍କ ମା' ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣା ସାମାଜିକ ଗଣମାଧ୍ୟମରେ ପ୍ରକାଶିତ ହେବାପରେ ତାଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି ଯୁବ ସାମାଜିକ କର୍ମୀ ଆଶିଷ ସାମଲ ଓ ମାନସ ସାମଲ। ଶନିବାର ଉଭୟ ତାଙ୍କ ବାସଭବନରେ ପହଞ୍ଚି ୫ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ମଧ୍ୟ ସହଯୋଗର ହାତ ବଢ଼ାଇବେ ବୋଲି ମାନସ ପ୍ରତିଶ୍ରୁତି ଦେଇଛନ୍ତି।

# ଜାରକା ରୋଟାରି କ୍ଲବ୍‌ର ଶାନ୍ତି, ବନ୍ଧୁତ୍ୱ ଯାତ୍ରା




ଶାନ୍ତି ଓ ବନ୍ଧୁତ୍ୱ ଯାତ୍ରାକୁ ବିଧାୟକ ପତାକା ହଲାଇ ଶୁଭାରମ୍ଭ କରୁଛନ୍ତି।

ଧର୍ମଶାଳା,୧୧।୨(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଅଧୀନ ଜାରକା ରୋଟାରି କ୍ଲବ ପକ୍ଷରୁ ଶାନ୍ତି ଓ ବନ୍ଧୁତ୍ୱପୂର୍ଣ୍ଣ ଯାତ୍ରା ଶନିବାର ଶୁଭାରମ୍ଭ ହୋଇଛି। କ୍ଲବ୍ ସଦସ୍ୟମାନେ ସକାଳୁ ଜାରକାଠାରୁ ବାହାରିବା ସମୟରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଓ ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ ଶତପଥୀ ଶାନ୍ତିର ପତାକା ହଲାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ଜାରକା ଇନରହୁଇଲ କ୍ଲବର ମିନତି ସାହୁ, ମାଧୁରୀ ଶତପଥୀ, ଅର୍ଚ୍ଚନା ସ୍ୱାଇଁ, ବିଶ୍ୱମିତ୍ରା ସାହୁ, ସରୋଜିନୀ ପଣ୍ଡା ଓ ପ୍ରଭାତୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି କ୍ଲବ୍ ସଦସ୍ୟଙ୍କୁ ବନ୍ଦାପନା କରିଥିଲେ। ବନ୍ଧୁତ୍ୱଯାତ୍ରା ଜାରକାରୁ ବାହାରି ଯାଜପୁର ରୋଡ୍ ଓ କଳିଙ୍ଗନଗର ଦେଇ କେନ୍ଦୁଝର, ବଡବିଲ ସହ ରାଉରକେଲା ଗସ୍ତ କରିବ। ଏହି ଗସ୍ତ ସମୟରେ ଉପରୋକ୍ତ ଅଞ୍ଚଳର ରୋଟାରି କ୍ଲବ ସଦସ୍ୟଙ୍କ ସହିତ ଆଲୋଚନା ସହ ସେମାନଙ୍କୁ ଚାରା ବଣ୍ଟନ କରାଯିବ। ଏହି ଯାତ୍ରାରେ ରୋଟାରି କ୍ଲବ ସଭାପତି ପ୍ରମୋଦ ସାମଲ, ସମ୍ପାଦକ ସୁକାନ୍ତ ସ୍ୱାଇଁ, ରୋଟାରିଆନ ପ୍ରଦୀପ୍ତ ବରାଳ, ଅଜାମ୍ବର ସାହୁ, ନିରଞ୍ଜନ ପାଣିଗ୍ରାହୀ, ଜୟନ୍ତ ସାହୁ, ହରିହର ପଣ୍ଡା, ଜୟପ୍ରକାଶ ତ୍ରିପାଠୀ, ବିନୋଦ ପରିଡ଼ା, ଦେବେନ୍ଦ୍ର ସାହୁ, ଦୀପକ ଜେନା, ଜ୍ୟୋତିପ୍ରକାଶ ଆଚାର୍ଯ୍ୟ, ପ୍ରଶାନ୍ତ କୁମାର ପୃଷ୍ଟି ଓ ଜୟଗୁରୁ ପାତ୍ର ସାମିଲ ହୋଇଛନ୍ତି। ରୋଟାରିୟାନ କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, ଚକ୍ରଧର ଲେଙ୍କା, ବିପିନ ଷଡ଼ଙ୍ଗୀ ଓ ସତ୍ୟାନନ୍ଦ ବରାଳ ପ୍ରମୁଖ ଉପସ୍ଥିତ ରହି ଯାତ୍ରାରେ ସାମିଲ ସଦସ୍ୟଙ୍କୁ ଉତ୍ସାହିତ କରିଥିଲେ।

### ମୁରାରିପୁର ପ୍ରାଥମିକ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଧର୍ମଶାଳା,୧୧।୨(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଅଧୀନ ମୁରାରିପୁରସ୍ଥିତ ମୁରାରିପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ୨ଦିନ ବ୍ୟାପୀ ଅନୁଷ୍ଠିତ ଉତ୍ସବରେ ଦୌଡ଼, ହାଇ ଜମ୍ପ, ଲଙ୍ଗ ଜମ୍ପ, ଦୌଡି ଡିଆଁ, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ଭିକାରି ଚରଣ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଥାନୁଆଳ ସରପଞ୍ଚ ନର୍ମଦା ସ୍ୱାଇଁ, ସମ୍ମାନିତ ଅତିଥିଭାବେ ସମିତିସଭ୍ୟା ସାଗରିକା ଜେନା, ସିଆର୍‌ସିସି ସୁଶାନ୍ତ କୁମାର ଦଳାଇ ଯୋଗଦେଇ ବରିଷ୍ଠ ବିଭାଗରେ ଅନ୍ନପୂର୍ଣ୍ଣା ସ୍ୱାଇଁ ଓ କନିଷ୍ଠ ବିଭାଗରେ ପୁନପ୍ରିୟଦର୍ଶିନୀ ପରିଡ଼ାଙ୍କୁ ଚାମ୍ପିୟନ ଟ୍ରଫି ପ୍ରଦାନ କରିଥିଲେ। ଏଥିସହ କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସ୍କୁଲ୍ ପରିଚାଳନା କମିଟି ସଭାପତି ରବୀନ୍ଦ୍ରନାଥ ସେଠୀ, ଉପସଭାପତି ଉର୍ମିଳା ବେହେରା, ପ୍ରସନ୍ନ ରାଉତ, ଦୀଲିପ ଜେନା, କାମେଶ୍ୱର ସେଠୀ, ମଧୁସ୍ମିତା ସେଠୀ ଓ ସନ୍ଧ୍ୟାରାଣୀ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସହକାରୀ ଶିକ୍ଷକ କ୍ଷେତ୍ରବାସୀ ସାମଲ ଅତିଥି ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଦେଇଥିଲେ।

# ଦେବେଶ୍ୱର ମନ୍ଦିରର ଷୋଡ଼ଶ ବାର୍ଷିକ ଉତ୍ସବ



ମନ୍ଦିରର ବାର୍ଷିକ ଉତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ।

ଯାଜପୁର ରୋଡ୍,୧୧।୨(ଡି.ଏନ୍.ଏ.) ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ମହତାବନଗରସ୍ଥିତ ଶ୍ରୀ ଦେବେଶ୍ୱର ମହାପ୍ରଭୁଙ୍କ ମନ୍ଦିରର ଷୋଡଶ ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ରୁଦ୍ରାଭିଷେକ, ଉପଚାର ପୂଜା, ମହାମୃତ୍ୟୁଞ୍ଜୟ ମନ୍ତ୍ର ହୋଇଥିଲା। ପୂଜାରେ ଅଜିତ କୁମାର ଶତପଥୀ ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପୂଜକ ପ୍ରକାଶ କୁମାର ଦାଶ, ବିଷ୍ଣୁଚରଣ ପଣ୍ଡା, ସରୋଜ ତ୍ରିପାଠୀ, ଭଗୀରଥି ଆଚାର୍ଯ୍ୟ, ସତ୍ୟଜିତ ଶତପଥୀ ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ସନ୍ଧ୍ୟାରେ ଦୟାଲ ସଙ୍ଗୀତ ଗ୍ରୁପ୍ ପକ୍ଷରୁ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।

# ନାରାୟଣ ଶୋଭନୀୟ ଶିକ୍ଷାଶ୍ରମର ବାର୍ଷିକ ଉତ୍ସବ




ଶିକ୍ଷାଶ୍ରମର ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଜେନାପୁର,୧୧।୨(ଡି.ଏନ.ଏ.): ଧର୍ମଶାଳା ବ୍ଲକ୍ ବୃନ୍ଦାଦେଇପୁର ପଞ୍ଚାୟତ ଅଧୀନ ନାରାୟଣ ଶୋଭନୀୟ ଶିକ୍ଷାଶ୍ରମର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ରେମାଦେବୀ ଶୋଭନୀୟ ଶିକ୍ଷାଶ୍ରମ କଟକର ପ୍ରଧାନ ଶିକ୍ଷୟିତ୍ରୀ ବନଲତା ଦେବୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜେନାପୁର ଥାନା ଅଧିକାରୀ ଉମାକାନ୍ତ ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କିରଥିଲେ। ଏଥିସହିତ ଶୋଭନୀୟ ଶିକ୍ଷା ଶ୍ରମର ଗୁଣାବଳୀ ବିକାଶ ପାଇଁ ଗୁରୁଜୀଗୁରୁମାଙ୍କ ଗୁରୁଦାୟିତ୍ୱ ରହିଛି ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଯୁବ ସାମାଜିକ କର୍ମୀ ଅଖିଳ କୁମାର ସ୍ୱାଇଁ ଯୋଗଦେଇ ପୂଜ୍ୟ ଶ୍ରୀକୁମାର ଭାଇଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୁଶାନ୍ତ କୁମାର ଶତପଥୀ, ସମିତିସଭ୍ୟ ଦୀପକ ଦାସ ଓ ଖବରଦାତା ଅଶୋକ କୁମାର ଦାସ ଯୋଗ ଦେଇଥିଲେ। ପରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥି ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଶିକ୍ଷାଶ୍ରମ ପିଲାଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ବିଦ୍ୟାଳୟ ସମ୍ପାଦକ ଡା. ବିଷ୍ଣୁପ୍ରସାଦ ଶତପଥୀ ଅତିଥି ପରିଚୟ ଦେଇଥିବାବେଳେ ଶିକ୍ଷାଶ୍ରମ ଅଧକ୍ଷା ସୁଧାଂଶୁବାଳା ଶତପଥୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାଶ୍ରମର ସମସ୍ତ ଗୁରୁଜୀଗୁରୁମା ଯୋଗଦେଇ ସହଯୋଗ କରିଥିଲେ। ଶେଷରେ ଶିକ୍ଷାଶ୍ରମର କୁନିକୁନି ପିଲାଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଫାର୍ମ ହାଉସ୍‌ରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ

**୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ, ଗଛ ଜଳିଗଲା**

ପାଣିକୋଇଲି,୧୧।୨(ଡି.ଏନ.ଏ.): ପାଣିକୋଇଲି ଥାନା ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ମଣିପୁର ଗ୍ରାମରେ ଥିବା ଏକ ଫାର୍ମ ହାଉସରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ଫଳରେ ଫାର୍ମ ହାଉସରେ ଥିବା ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଓ ଗଛ ଜଳି ପାଉଁଶ ହୋଇଯାଇଛି। ଏନେଇ ଫାର୍ମ ହାଉସ ମାଲିକ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ସୂଚନା ମୁତାବକ, ମଣିପୁର ଗ୍ରାମର ଅଙ୍କୁର ଚରଣ ପଣ୍ଡା ମଣିପୁର ମୌଜାର ୮ ଏକର ପରିମିତ ଅଞ୍ଚଳରେ ମା' ତାରିଣୀ ଫାର୍ମ ହାଉସ କରିଛନ୍ତି। ୨୦୧୬/୧୭ରେ ଉଦ୍ୟାନ ବିଭାଗ ସହାୟତରେ ସେ ଏହି ପ୍ରକଳ୍ପ ଆରମ୍ଭ କରିଥିଲେ। ପାର୍ମ ହାଉସରେ ୩ ଏକର ପରିମିତ ଅଞ୍ଚଳରେ ପୋଖରୀ ଖୋଳି ମାଛ ଚାଷ କରୁଥିବାବେଳେ ଅନ୍ୟ ୫ ଏକରରେ ଆମ୍ବ, ନଡିଆ, ପିଜୁଳି, ତେଜପତ୍ର, କଦଳୀ, ଅଳାଁ, କୋଳି



ଫାର୍ମ ହାଉସ୍‌ରେ ନିଆଁ ଲାଗି ଜଳିଯାଇଥିବା ମୂଲ୍ୟବାନ ଗଛ।

ଆଦି ଗଛ ଲଗାଇଛନ୍ତି। ବହୁମୁଖି କୃଷି ଉଦ୍ୟୋଗ କରି ପଣ୍ଡା ବହୁବାର ପୁରସ୍କୃତ ହୋଇଛନ୍ତି। ଏଥିସହିତ ୫ ଏକର ଜମିରେ ବୁନ୍ଦା ଜଳସେଚନ ବ୍ୟବସ୍ଥା କରିବା ସହ ଫସଲ ସଂରକ୍ଷିତ ପାଇଁ ଏକ କ୍ଷୁଦ୍ର ଶୀତଳ ଭଣ୍ଡାର ନିର୍ମାଣ କରିଛନ୍ତି। ତେବେ ପଣ୍ଡାଙ୍କ ନାତିଙ୍କ ବ୍ରତଘର ଯୋଗୁ ଫାର୍ମରେ କେହି ନ ଥିଲେ। ଏହାର ସୁଯୋଗରେ ଦୁର୍ବୃତ୍ତ ନିଆଁ ଲଗାଇଦେଇଥିଲା। ଅଗ୍ନିକାଣ୍ଡ ଯୋଗୁ ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବୁନ୍ଦା ଜଳସେଚନ ପାଇପ ସହ ୫ ଲକ୍ଷ ଟଙ୍କାର ଶୀତଳ ଭଣ୍ଡାର କୁଲ ପାୱାର ମେଶିନ ପୋଡିଯାଇଛି। ଏଥିସହିତ ଆମ୍ବ, ପିଜୁଳି, ତେଜପତ୍ର ଶତାଧିକ ଗଛ ପୋଡି ଯାଇଛି, ଯାହାର ସମସ୍ତ ଆନୁମାନିକ ମୂଲ୍ୟ ୨୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଉଛି। ଫାର୍ମ ହାଉସକୁ ଶ୍ରୀହୀନ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ପଣ୍ଡା। ଅନ୍ୟପକ୍ଷରେ ତୁରନ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

## ସଂକ୍ଷେପରେ

## ୨ ମାସର ଖାଉଟି ସାମଗ୍ରୀ ମିଳିନାହିଁ: ଚିନ୍ତାରେ ହିତାଧିକାରୀ

**ଖାଦ୍ୟ ସୁରକ୍ଷା ଯୋଜନା ଦିଗହରା**

- ଛୁଟି ଦିବସ କହି କାରଣ ସ୍ପଷ୍ଟ କଲେ ନାହିଁ ବିଡିଓ

କୁଜଙ୍ଗ,୧୧।୨(ଡି.ଏନ୍.ଏ.): ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କୁଜଙ୍ଗ ବ୍ଲକର ହିତାଧିକାରୀମାନଙ୍କ ଚିନ୍ତା ବଢ଼ିଯାଇଛି। ଏପର୍ଯ୍ୟନ୍ତ ୨ ମାସର ଗହମ ମିଳି ନ ଥିବାରୁ କିପରି ପେଟପୋଷଣ କରିବେ ସେନେଇ ଆଶଙ୍କାରେ ରହିଛନ୍ତି। ଏପର୍ଯ୍ୟନ୍ତ ସେମାନଙ୍କୁ ୨୦୨୨ ଡିସେମ୍ବରର ଗହମ ମିଳି ନ ଥିବା ବେଳେ, ୨୦୨୩ ଜାନୁୟାରୀର ମଧ ଖାଉଟି ସାମଗ୍ରୀ ସେମାନଙ୍କ ପାଖରେ ପହଞ୍ଚିପାରିନାହିଁ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । କୁଜଙ୍ଗ ବ୍ଲକ ଯୋଗାଣ ଅଧିକାରୀଙ୍କ ମୋବାଇଲ ସୁଇଚ୍ ଅଫ୍ ରହିଥିବାରୁ ତାଙ୍କ ସହ ଯୋଗାଯୋଗ ହୋଇପାରୁନାହିଁ। ଏ ସମ୍ପର୍କରେ ଯୋଗାଣ ବିଭାଗର ଜଣେ ଅସ୍ଥାୟୀ କର୍ମଚାରୀ କୁହନ୍ତି, ଆଉ ପ୍ରାୟ ଏକ ସପ୍ତାହ ପରେ ଜାନୁୟାରୀର ଖାଦ୍ୟ ସାମଗ୍ରୀ ମିଳିବ । ଅନ୍ୟପଟେ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କୁ ପଚାରିବାରେ,ଦ୍ୱିତୀୟ ଶନିବାର ଛୁଟିଦିବସ ଥିବାରୁ ସେ କିଛି କହିପାରିବେ ନାହିଁ ବୋଲି ଉତ୍ତର ରଖିଛନ୍ତି । ଅପରପକ୍ଷେ ଅସ୍ଥାୟୀ କର୍ମଚାରୀ ଜଣକ କହିଛନ୍ତି, ଏଣିକି ଗୋଟିଏ ମାସର ଖାଉଟି ସାମଗ୍ରୀ ତା'ର ପରବର୍ତ୍ତୀ ମାସରେ ମିଳିବ । ଏ ସମ୍ପର୍କରେ ମାଟି ସୁରକ୍ଷା ମଞ୍ଚର ସଂଯୋଜକ ହୃଷୀକେଶ ନାଥ ପ୍ରଶ୍ନ କରିଛନ୍ତି, କ'ଣ ଜଣେ ମଣିଷ ଗୋଟିଏ ମାସ ଖାଇବ ଆଉ ଗୋଟିଏ ମାସ ଉପବାସ ରହିବ । ତେଣୁ ବ୍ଲକ ପ୍ରଶାସନ ଖାଦ୍ୟ ସାମଗ୍ରୀ ନ ମିଳିବାର କାରଣ ସ୍ପଷ୍ଟ କରିବା ସହ ତୁରନ୍ତ ଏହି ସାମଗ୍ରୀ ଯୋଗାଇଦେବାକୁ ଉପଭୋକ୍ତାମାନେ ଦାବି କରିଛନ୍ତି ।

## ଦର୍ପଣ ତହସିଲଦାରଙ୍କୁ ଗାଳିଗୁଲଜ ଅଭିଯୋଗ

ଚଣ୍ଡିଖୋଲ,୧୧।୨(ଡି.ଏନ୍.ଏ.): ଯାଜପୁର ଜିଲା ଦର୍ପଣ ତହସିଲଦାର ଶୁଭଦର୍ଶନ ମିଶ୍ର ଶୁକ୍ରବାର ବନ୍ଦାଳ-ଏଣ୍ଡରପଦା ରାସ୍ତାରେ ଯାଉଥିବାବେଳେ ୩ଜଣ ଅସାମାଜିକ ଯୁବକ ତାଙ୍କୁ ଅଟକାଇ ଗାଳିଗୁଲଜ କରିବା ସହିତ ଆକ୍ରମଣ ଉଦ୍ୟମ କରିଛନ୍ତି। ଏନେଇ ତହସିଲଦାର ମିଶ୍ର ବଡ଼ଚଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଆଧାରକରି ପୋଲିସ ନଂ.୩୩/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ହେଲେ ଗାଳିଗୁଲଜ କରିଥିବା ଯୁବକମାନଙ୍କୁ ଗିରଫ କରିବାରେ ପୋଲିସ ସକ୍ଷମ ହୋଇନାହିଁ। ସୂଚନା ଥାଉକି, ବନ୍ଦାଳ-ଏଣ୍ଡରପଦା ରାସ୍ତା କଡ଼ରେ ଏକ ଜମି ଅଧିଗ୍ରହଣ ପାଇଁ କ୍ଷେତ୍ର ପରିଦର୍ଶନ କରି ତହସିଲଦାର ଫେରୁଥିଲେ। ଏହି ସମୟରେ ସମ୍ପୃକ୍ତ ୩ଜଣ ଯୁବକ ରାସ୍ତା କାହିଁ ମରାମତି ହେଉନାହିଁ ବୋଲି ତହସିଲଦାରଙ୍କୁ ପଚାରିବା ସହିତ ଗାଡ଼ି ଅଟକାଇ ଗାଳିଗୁଲଜ କରିଥିଲେ।

# ବିଦ୍ୟାଳୟ ନବୀକରଣ କାର୍ଯ୍ୟର ହିସାବ ନାହିଁ

**ସଞ୍ଜୟ ଗାନ୍ଧୀ ସରକାରୀ ଉଚ୍ଚ ବିଦ୍ୟାଳୟ**

- ତଥ୍ୟରେ ରହୁନି ତାଳମେଳ
- ସମାନ କାର୍ଯ୍ୟ ପାଇଁ ୪ ବର୍ଷରେ ପ୍ରାୟ ୧ କୋଟି ଖର୍ଚ୍ଚ
- ବିଭିନ୍ନ ଯୋଜନାରେ ଏକାଧିକ ଥର କାମ ହୋଇଛି



ପାରାଦୀପ,୧୧।୨(ସ୍ୱ.ପ୍ର.)

ପାରାଦୀପ ପୌରାଞ୍ଚଳରେ ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରତିବର୍ଷ ଅନେକ ସରକାରୀ କାର୍ଯ୍ୟାଳୟ ମରାମତି, ନବୀକରଣ, ରୂପାନ୍ତରୀକରଣ କରାଯାଇଛି। ଏଥିସହ କିଛି ନୂତନ ସରକାରୀ ଅନୁଷ୍ଠାନ ନିର୍ମାଣ ଚାଲିଛି। ଅପରପକ୍ଷେ ଅନେକ ସମୟରେ ଏନେଇ ସୂଚନା ଅଧିକାର ଆଇନ ଜରିଆରେ ତଥ୍ୟ ମଗାଇଲେ ସନ୍ତୋଷଜନକ ଉତ୍ତର ମିଳୁନାହିଁ।

ସୂଚନାଯୋଗ୍ୟ, ପାରାଦୀପର ଏକାଧିକ ସରକାରୀ ଘର ଗତ ୨୦୧୮ ରୁ ଏପର୍ଯ୍ୟନ୍ତ ଲଗାତାର ମରାମତି, ରୂପାନ୍ତରୀକରଣ ଚାଲିଛି। ଉଦାହରଣସ୍ୱରୂପ ସଞ୍ଜୟଗାନ୍ଧୀ ସରକାରୀ ବିଦ୍ୟାଳୟ, ସର୍କିଟ ହାଉସ, ପାରାଦୀପ କଲେଜ, ଏନ୍ଏସି ହାଇସ୍କୁଲ, ଏନ୍ଏସି ବାଳିକା ବିଦ୍ୟାଳୟରେ ଗତ ୪ବର୍ଷ ହେଲା ମରାମତି କାର୍ଯ୍ୟ ଚାଲିଛି। ଗତବର୍ଷ ଏପ୍ରିଲ ୨୮ରେ ସଞ୍ଜୟଗାନ୍ଧୀ ବିଦ୍ୟାଳୟକୁ ସେଠାରେ ହୋଇଥିବା ନବୀକରଣ କାର୍ଯ୍ୟ ସମ୍ପର୍କରେ ଜନସୂଚନା ଆଇନ ଜରିଆରେ ତଥ୍ୟ ମଗାଯାଇଥିଲା। ଏହି ବିଦ୍ୟାଳୟକୁ କେତେଥର ମରାମତି ହୋଇଛି ଏବଂ ସେଥିପାଇଁ କେତେଟଙ୍କା ଖର୍ଚ୍ଚ ହୋଇଛି ସେନେଇ ତଥ୍ୟ ଦେବାକୁ ଉଲ୍ଲେଖ କରାଯାଇଥିଲା। ୨୦୨୨ ମେ'୨୭ରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସବିତା କୁମାରୀ ପରିଡା ଦେଇଥିବା (ଚିଠି ନଂ. ୫୨) ଉତ୍ତରରେ ଦର୍ଶାଇଥିଲେ ଯେ, ୨୦୧୮ ରୁ ୨୦୨୨ମଧ୍ୟରେ ଏକାଧିକ ଥର ମରାମତି କରାଯାଇଛି। ଏଥିପାଇଁ ମୋ ସରକାର ଯୋଜନାରୁ ଆସିଥିବା ୧୫ ଲକ୍ଷ ଟଙ୍କା ଆମେ ପାରାଦୀପ ପୌରପାଳିକାକୁ ଦେଇଥିଲୁ। ସେମାନେ କେମିତି ଓ କେତେ ଟଙ୍କା ଖର୍ଚ୍ଚ କଲେ ତା'ର ହିସାବ ଆମ ପାଖରେ ନାହିଁ। ଏହାଛଡ଼ା ପୂର୍ତ୍ତ ବିଭାଗ ମଧ କେତେଥର ମରାମତି କରିଛି। ଏହାପରେ ପାରାଦୀପ ପୌରପାଳିକାକୁ ଜନସୂଚନା ଅଧିକାର ଆଇନ ଜରିଆରେ ବିଦ୍ୟାଳୟ ପାଇଁ ତଥ୍ୟ ମଗାଯାଇଥିଲା। ୮୫ ପୃଷ୍ଠା ତଥ୍ୟରେ ପୌରପାଳିକା ପକ୍ଷରୁ ସୂଚନା ମିଳିଛି (ଚିଠି ନଂ. ୨୨୩୭) ଯେ, ସଞ୍ଜୟଗାନ୍ଧୀ ବିଦ୍ୟାଳୟ ମରାମତି କାର୍ଯ୍ୟ ପାଇଁ ୩୨ଲକ୍ଷ ଟଙ୍କାରୁ ଅଧିକ ଖର୍ଚ୍ଚ ହୋଇଛି। ଫାଇନାଲ ବିଲ୍ ଠିକାଦାରଙ୍କୁ ଦିଆଯାଇନାହିଁ। ଅଲଗା ଭାବେ ୭.୮୦ ଲକ୍ଷ ଟଙ୍କା ବିନିମୟରେ ଶୌଚାଳୟ ହୋଇଛି। ସୂଚନାଯୋଗ୍ୟ ଯେ, ଏହି ବିଦ୍ୟାଳୟ ମରାମତି ନବୀକରଣ, ରୂପାନ୍ତରୀକରଣ କାମ ୨୦୧୮ରୁ ଚାଲିଛି। ପ୍ରଥମେ ସର୍ବଶିକ୍ଷା ଯୋଜନା ଅଧୀନରେ ଏଥିପାଇଁ ପ୍ରାୟ୧୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ୨୦୧୯ରେ ପୂର୍ତ୍ତ ବିଭାଗ ପକ୍ଷରୁ ଛାତ ମରାମତି କାର୍ଯ୍ୟ ପାଇଁ ୨୦ ଲକ୍ଷ ଟଙ୍କାରୁ ଅଧିକ ଖର୍ଚ୍ଚ ହୋଇଥିଲା। ୨୦୨୦ରେ କୋଭିଡ୍ ଡିଜାଷ୍ଟର ପାଣ୍ଠି ଜରିଆରେ ଲକ୍ଷାଧିକ ଖର୍ଚ୍ଚ କରାଯାଇଥିଲା। ୨୦୨୧ରେ ବିଦ୍ୟାଳୟ ମୋ ସ୍କୁଲ ଅଭିଯାନରେ ସାମିଲ ହୋଇଥିଲା। ଏହାପରେ ବିଦ୍ୟାଳୟକୁ ସମ୍ପୂର୍ଣ୍ଣ ରୂପାନ୍ତରୀକରଣ କରାଯାଇଥିଲା। ଏଥିରେ ୩୦ ଲକ୍ଷ ଟଙ୍କାରୁ ଅଧିକ ଖର୍ଚ୍ଚ ହେଲାଣି। ଚଳିତ ବର୍ଷ ସ୍କୁଲ କଣ୍ଟିଜେନ୍ସ ଫଣ୍ଡରେ ମରାମତି କାମ ଚାଲିଛି। ଏଭଳି ଭାବେ ବିଭିନ୍ନ ବିଭାଗ ଓ ବିଭିନ୍ନ ଯୋଜନାରେ ଏହି ବିଦ୍ୟାଳୟ ପାଇଁ ପ୍ରାୟ ଏକ କୋଟିରୁ ଊର୍ଦ୍ଧ୍ୱ ଖର୍ଚ୍ଚ ହେଲାଣି। ସବୁଠାରୁ କୌତୂହଳ କଥାହେଲା ସମସ୍ତ ଯୋଜନା ଏବଂ ଭିନ୍ନ ଭିନ୍ନ ବିଭାଗର କାମ ଜଣେ ଠିକାଦାର କରୁଥିବା ସୂଚନା ଅଧିକାର ତଥ୍ୟରୁ ଜଣାପଡିଛି। ଏହାସତ୍ତ୍ୱେ ବିଦ୍ୟାଳୟର ପ୍ରକୃତ ଖର୍ଚ୍ଚ ସମ୍ପର୍କିତ ବୃତ୍ତାନ୍ତ ତଥ୍ୟ ଏପର୍ଯ୍ୟନ୍ତ ସାର୍ବଜନୀନ କରାଯାଉନାହିଁ।

ପୂର୍ତ୍ତ ବିଭାଗର ଜଗତ୍‌ସିଂହପୁର କାର୍ଯ୍ୟାଳୟକୁ ଏ ସମ୍ପର୍କରେ ଜାଣିବା ପାଇଁ ୨୦୨୨ ଜୁନ ୭ରେ ଜନସୂଚନା ଅଧିକାର ଆଇନ ଜରିଆରେ ତଥ୍ୟ ମଗାଯାଇଥିଲା। ଧାର୍ଯ୍ୟ ସମୟରେ କୌଣସି ଉତ୍ତର ମିଳିଲା ନାହିଁ। ପୁଣି ସେହିବର୍ଷ ଜୁଲାଇ ୨୬ରେ ପ୍ରଥମ ଅପିଲ କରାଯାଇଥିଲା। ଏହି ଅପିଲ ପରେ ପୂର୍ତ୍ତ ବିଭାଗ ଅଗଷ୍ଟ ୫ ରେ ଜଣାଇଥିଲେ(ଚିଠି ନଂ.୨୮୯୬)ଯେ, ପାରାଦୀପ ପୌରାଞ୍ଚଳରେ ଆମ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟ ୪ ବର୍ଷ ହେଲା କରାଯାଇନାହିଁ। ଏହି ଚିଠି ପରେ ଆବେଦନକାରୀ ଅନ୍ୟ ବିଭାଗରୁ ମିଳିଥିବା ତଥ୍ୟର ନକଲ କପି ସହ ଅଭିଯୋଗ କରିଥିଲେ। ଉକ୍ତ ଚିଠି ପାଇବା ପରେ ସମ୍ପୃକ୍ତ ବିଭାଗ ସେପ୍ଟେମ୍ବର ୯ ରେ ୩ ପୃଷ୍ଠାର ତଥ୍ୟ(ଚିଠି ନଂ. ୩୩୬୩) ଦେଇଥିଲେ। ସେଥିରେ ଦର୍ଶାଯାଇଛି,୨୦୧୮ରୁ ୨୦୨୨ମଧ୍ୟରେ ବିଭାଗ ପକ୍ଷରୁ ପାରାଦୀପ କଲେଜ, ସଞ୍ଜୟଗାନ୍ଧୀ ସ୍କୁଲ, ଏନ୍ଏସି ହାଇସ୍କୁଲ, ଏନ୍ଏସି ଗର୍ଲ୍ସ ହାଇସ୍କୁଲ, ସର୍କିଟ ହାଉସ, ଏଡିଏମ୍ ଅଫିସ, ଏଡିଏମ୍ ରେସିଡେନ୍ସ, ଆଶ୍ରୟକେନ୍ଦ୍ର,କୋଭିଡ ହସ୍ପିଟାଲ, ନୂଆ ଇନଡୋର ଷ୍ଟାଡିୟମ ଆଦି କାର୍ଯ୍ୟ କରାଯାଇଛି। ଏଥିରେ ୧୮ ଥର ଟେଣ୍ଡର ଓ କାମର ବ୍ୟୟ ହିସାବ ରହିଛି। କିନ୍ତୁ ସଞ୍ଜୟଗାନ୍ଧୀ ବିଦ୍ୟାଳୟ ପାଇଁ କେତେଟଙ୍କା ଖର୍ଚ୍ଚ ହୋଇଛି ତାର ହିସାବ ସେଥିରେ ନାହିଁ। ଏମିତି ଅସମାନତା ସମ୍ପର୍କରେ ଆର ଆଣ୍ଡ ବି ଡିଭିଜନ ଅଧିକ୍ଷଣ ଯନ୍ତ୍ରୀ ନିମାଇଁ ଦାସଙ୍କୁ ପଚାରିଲେ କୁହନ୍ତି, ଆମ ଅଫିସର ଓ ଜନସୂଚନା ଅଧିକାରୀ କ'ଣ ଭୁଲ କରିଛନ୍ତି ତାହା ସେ ଜାଣିନାହାନ୍ତି । ଦେଖିଲା ପରେ ଏହାର ଉତ୍ତର ଦିଆଯିବ କହି ଏହି ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ।

## ପୁରୁଣା ପେନ୍‌ସନ ବ୍ୟବସ୍ଥା ଲାଗୁ କର

**୩ ଦଫା ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ**

ତିର୍ତ୍ତୋଲ,୧୧।୨ (ଡି.ଏନ.ଏ.)

ପୁରୁଣା ପେନ୍‌ସନ ବ୍ୟବସ୍ଥା ପ୍ରଚଳନ ସହ ୩ଟି ଦାବି ପୂରଣ ନ ହେଲେ ତିର୍ତ୍ତୋଲ ବ୍ଲକ ପ୍ରାଥମିକ ଶିକ୍ଷକ ମହାସଂଘ ତରଫରୁ ଆନ୍ଦୋଳନ କରାଯିବ। ଏନେଇ ଶନିବାର ମହାସଂଘର କର୍ମକର୍ତ୍ତାମାନେ ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। ମହାସଂଘର ଦାବି ମୁତାବକ, ପୁରୁଣା ପେନ୍‌ସନ ବ୍ୟବସ୍ଥା ପୁନଃ ପ୍ରଚଳନ କରାଯାଉ। ଏଥିସହ ପ୍ରାଥମିକ ଶିକ୍ଷାରୁ ଠିକା ନିଯୁକ୍ତି ବାତିଲ କରି ୬ ବର୍ଷର ଠିକା କାର୍ଯ୍ୟକାଳ ସମୟରେ ମିଳୁଥିବା ଦରମାକୁ ବଢ଼ାଇ ମୂଳ ଦରମା ସହ ମିଶାଇ ପ୍ରଦାନ କରାଯାଉ ଏବଂ କେନ୍ଦ୍ରୀୟ ହାରରେ ଦରମା ଦେବାକୁ ଦାବି କରାଯାଇଛି। ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ତରଫରୁ ଗତବର୍ଷ ଠାରୁ ଏହି ୩ ଦଫା ଦାବିରେ ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ କରାଯାଇଛି । ଏନେଇ ସରକାରଙ୍କ ସହ ଆଲୋଚନା ହୋଇଛି। ଏହାସତ୍ତ୍ୱେ ଦାବି ପୂରଣ କରିବାକୁ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଆଗାମୀ ବିଧାନସଭା ଅଧିବେଶନ ପୂର୍ବରୁ ଏହି ଦାବି ପୂରଣ କରା ନ ଗଲେ ମହାସଂଘ ତରଫରୁ ଆନ୍ଦୋଳନ କରାଯିବ ବୋଲି ଘୋଷଣା କରାଯାଇଛି। ଏସମ୍ପର୍କରେ ମହାସଂଘର ବ୍ଲକ ସଭାପତି ଅକ୍ଷୟ ନାୟକ, ସମ୍ପାଦକ ଅମନ ଉଲ୍ଲା, ଉପସଭାପତି ରଜନୀକାନ୍ତ ବେହେରା, ମିଡିଆ ସଂଯୋଜକ ତାପସ ମହାନ୍ତି, ପ୍ରଭାତ କର, ରାଜେଶ ଖଟୁଆ ପ୍ରମୁଖ ସୂଚନା ପ୍ରଦାନ କରିଛନ୍ତି।

# ମହିଳାଙ୍କ ରୋଜଗାର ପାଇଁ ପ୍ରୟାସ କଲେ ଯୁବ ଉଦ୍ୟୋଗୀ

ରଘୁନାଥପୁର,୧୧।୨(ଡି.ଏନ୍.ଏ.)



ବୈଠକରେ ଯୋଗଦେଇଥିବା ମହିଳା ଚାଷୀ ଉତ୍ପାଦକ ସଙ୍ଗଠନର ସଦସ୍ୟ ଓ ମୁନିକୋ ଫୁଡ୍‌ସର ଅଧିକାରୀମାନେ।

**ମହିଳା ଚାଷୀ ଉତ୍ପାଦକ ସଙ୍ଗଠନ, ମୁନିକୋ ଫୁଡ୍‌ସର ସମ୍ମିଳିତ ବୈଠକ**

ଗ୍ରାମାଞ୍ଚଳ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା ପାଇଁ ପ୍ରୟାସ କରିଛନ୍ତି ୨ ଯୁବ ଉଦ୍ୟୋଗୀ। ସେମାନେ ରଘୁନାଥପୁର ବ୍ଲକ ରେଡୁଆ ସ୍ଥିତ କୃଷିଭିତ୍ତିକ ସଂସ୍ଥା ଲାଲ(ଲିଭ୍ ଆଣ୍ଡ ଲେଟ ଲିଭ୍)ଜରିଆରେ ରାଜ୍ୟର ୩୨ ବ୍ଲକରେ ଗଢିଉଠିଥିବା ୧୮ ମହିଳା କୃଷକ ଉତ୍ପାଦକ ସଙ୍ଗଠନର ୧୩ ହଜାର ୫ ଶହ ମହିଳାଙ୍କ ପାଇଁ ରୋଜଗାର ସୁଯୋଗ ସୃଷ୍ଟି କରିଛନ୍ତି। ଯୁବ ଉଦ୍ୟୋଗୀ ସତ୍ୟବ୍ରତ ମୁନି ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ ମ୍ୟାନେଜମେଣ୍ଟରୁ କୋର୍ସ ଶେଷ କରିବା ପରେ ନିଜ ବନ୍ଧୁ ଅନୁରାଗ ସାହୁଙ୍କ ସହ ମିଶି ମୁନିକୋ ଫୁଡସ ବ୍ରାଣ୍ଡରେ ନିଜର ବ୍ୟବସାୟ ଆରମ୍ଭ କରିଥିଲେ। ଏଥିରେ ସ୍ୱାଦିଷ୍ଟ ପାମ୍ପଡ଼, ଆଚାର ସହ ବିଭିନ୍ନ ପ୍ରକାର ପନିପରିବା ଜାତୀୟ ଦ୍ରବ୍ୟ ପ୍ରସ୍ତୁତ କରି ଏବଂ ବିକି ବଜାରରେ ଖାଉଟିଙ୍କ ଆସ୍ଥାଭାଜନ ହୋଇଥିଲେ। ପରେ ଲାଲ ସଂସ୍ଥା ସହଯୋଗରେ ମହିଳା କୃଷକ ଉତ୍ପାଦକ ସଙ୍ଗଠନର ସଦସ୍ୟାଙ୍କୁ ନିୟୋଜିତ କରି ସେମାନଙ୍କ ରୋଜଗାର ବୃଦ୍ଧି କରିବା ସହ ଗ୍ରାମାଞ୍ଚଳରେ ସିଧାସଳଖ ଖୁଚୁରା ବ୍ୟବସାୟୀଙ୍କ ନିକଟରେ ବିପଣୀ ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଏହି ଅବସରରେ ଗୋରେଖନାଥ କୃଷକ ମହାସଂଘ ସଭାକକ୍ଷରେ ମୁନି ଓ ପାତ୍ରଙ୍କ ସହ କୃଷକ ଉତ୍ପାଦକ କମ୍ପାନୀର ନିର୍ଦ୍ଦେଶକମାନଙ୍କୁ ନେଇ ଏକ ସମ୍ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲାଲ ସଂସ୍ଥାର ସମ୍ପାଦକ କ୍ଷେତ୍ରମୋହନ ବେହେରା ସାମୂହିକ ମହିଳାଙ୍କୁ କାର୍ଯ୍ୟରେ ନିୟୋଜିତ ଏବଂ ଉତ୍ପନ୍ନ ସାମଗ୍ରୀର ବଜାରୀକରଣ ସମ୍ପର୍କରେ ପ୍ରଶ୍ନ ରଖିଥିଲେ। ଏହାଛଡା କୃଷକଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ବିପଣୀ ପାଇଁ ଥିବା ଆଗ୍ରୋକ୍ଷେତ୍ର ବ୍ରାଣ୍ଡର ଦାୟିତ୍ୱ ଓ କାର୍ଯ୍ୟକାରିତା ସମ୍ପର୍କରେ ସମ୍ପାଦକ ବେହେରା ବିସ୍ତୃତ ଆଲୋଚନା କରିଥିଲେ। ବୈଠକରେ ପୂର୍ବତନ କୃଷି ଯୁଗ୍ମ ନିର୍ଦ୍ଦେଶକ ଗୁରୁପ୍ରସାଦ ତ୍ରିପାଠୀ, ପୂର୍ବତନ ଜିଲା କୃଷି ଅଧିକାରୀ ରମେଶ ଚନ୍ଦ୍ର ଦାସ, ଆଡଭାଇଜର ସୁକାନ୍ତ କୁମାର ଜେନା ଓ ସୁରେଶ ଚନ୍ଦ୍ର ରାଉତ,ଡେପୁଟି ମ୍ୟାନେଜର ସଞ୍ଜୀବ ରାୟ, ମାର୍କେଟିଂ ମ୍ୟାନେଜର ତାପସ ବିଶ୍ୱାଳ, ସିଦ୍ଧବଟ କୃଷକ ଉତ୍ପାଦକ କମ୍ପାନୀ ନିର୍ଦ୍ଦେଶକ ବିଦ୍ୟାଧର ଜତି, ବାଣୀକ୍ଷେତ୍ର ଉତ୍ପାଦକ କମ୍ପାନୀ ପକ୍ଷରୁ କାଦମ୍ବିନୀ ବେହେରା, କୃଷ୍ଣପ୍ରିୟା ବିଶ୍ୱାଳ ଓ ଅର୍ପିତା ବରାଳ, ସୀତାଂଶୁ ଜେନାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ବୈଜ୍ଞାନିକ ପଦ୍ଧତିରେ ସ୍ୱଳ୍ପ ମୂଲ୍ୟରେ ଉନ୍ନତମାନର ସାମଗ୍ରୀ ପ୍ରସ୍ତୁତ କରି ଗ୍ରାମାଞ୍ଚଳରେ ବିପଣୀ କରିବା ପାଇଁ ସହମତି ପ୍ରକାଶ ପାଇଥିଲା। ଏହାଛଡା ତାଲିମ ଜରିଆରେ ମହିଳାମାନଙ୍କ ଜ୍ଞାନକୌଶଳରେ ବିକାଶ କରାଯିବ ବୋଲି ଯୁବଉଦ୍ୟୋଗୀ ମୁନି କହିଥିଲେ। ଏହି ଅବସରରେ ମହିଳା କୃଷକ ଉତ୍ପାଦକ ସଙ୍ଗଠନ ଓ ମୁନିକୋ ଫୁଡସ ମଧ୍ୟରେ ରାଜିନାମା ହେବା ପାଇଁ ସ୍ଥିର ହୋଇଥିଲା।

# ଆଦର୍ଶ ବିଦ୍ୟାଳୟର ସ୍ଥିତି ଅନୁଧ୍ୟାନକଲେ ଓଏସ୍‌ଡି

ବାଲିକୁଦା,୧୧।୨(ସ୍ୱ.ପ୍ର.)

ବାଲିକୁଦା ବ୍ଲକ ବୋରିକିନା ପଞ୍ଚାୟତ ଅନ୍ତର୍ଗତ ଦୁଆ ଗ୍ରାମରେ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ଆଦର୍ଶ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଶନିବାର ଓଡ଼ିଶା ଶିକ୍ଷା ବିଭାଗର ଓଏସ୍‌ଡି ସ୍ମୃତି ରଞ୍ଜନ ମିଶ୍ର ଓ ସହଯୋଗୀ ଅଚାନକ ଘଟଣାସ୍ଥଳରେ ପହଞ୍ଚି ଏହାର ସ୍ଥିତି ଅନୁଧ୍ୟାନ କରିଛନ୍ତି।

ଏହା କିଭଳି ଶୀଘ୍ର କାର୍ଯ୍ୟକ୍ଷମ ହେବ ସେନେଇ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ସହ ଆଲୋଚନା କରିଛନ୍ତି। ମିଶ୍ରଙ୍କ ଏହି ଗସ୍ତ ସମୟରେ ଆଦର୍ଶ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ବରିଷ୍ଠ ଆଇନଜୀବୀ ବୀର ନାରାୟଣ ପାତ୍ର, ଆଦର୍ଶ ବିଦ୍ୟାଳୟ ବାଲିକୁଦା ଅଧ୍ୟକ୍ଷା କଳ୍ପନା ରାଣା ଦେ, ଅଜିତ ପ୍ରଧାନ, ସଂଘମିତ୍ରା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ବର୍ତ୍ତମାନ ବିଦ୍ୟାଳୟ ନିର୍ମାଣ ହୋଇ ନ ଥିବାରୁ ବୋରିକିନା ଉଚ୍ଚ ବିଦ୍ୟାଳୟ ପରିସରରେ ଶିକ୍ଷା ପ୍ରଦାନ କରାଯାଉଛି। ମିଶ୍ର ଉକ୍ତ ସ୍ଥାନକୁ ପରିଦର୍ଶନ କରିବା ସହ ପିଲାଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ଉତ୍ତମ ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।



ଓଏସ୍‌ଡି ସ୍ମୃତି ରଞ୍ଜନ ମିଶ୍ର ଓ ଅନ୍ୟମାନେ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ତଦାରଖ କରୁଛନ୍ତି।

## କାର୍ ଧକ୍କାରେ ବାଇକ୍ ଆରୋହୀ ମୃତ

ଆନନ୍ଦପୁର,୧୧।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ଅଧୀନ ୨୦ ନଂ ଜାତୀୟ ରାଜପଥର ନୂଆଗାଁ ଛକ ନିକଟରେ ଏକ କାର ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ସ୍ଥାନୀୟ ରାମଚନ୍ଦ୍ରପୁର ଥାନା ଅଧୀନ ଉଜୁଣି ଗ୍ରାମର ସୁବ୍ରତ ରାଉତ ବୋଲି ଜଣାପଡ଼ିଛି। ଖବରପାଇ ରାମଚନ୍ଦ୍ରପୁର ପୁଲିସ ଦୁର୍ଘଟଣାଗ୍ରସ୍ତ କାର ଓ ବାଇକକୁ ଜବତ କରି ତଦନ୍ତ ଆରମ୍ଭ କରିଛି। କାର ଚାଳକ ଆହତ ହୋଇଥିବା ଜଣାପଡ଼ିଛି।

## ଛାତ୍ରୀମାନେ ପେଣ୍ଠ ବେଳାଭୂମି ସଫେଇକଲେ




ସଫେଇ କାର୍ଯ୍ୟରେ ଯୋଗଦେଇଥିବା ଛାତ୍ରୀ, ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ।

ରାଜନଗର,୧୧।୨(ଡି.ଏନ.ଏ.)

ରାଜନଗର ବ୍ଲକ ଜରିମୂଳସ୍ଥିତ ସାବିତ୍ରୀ ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟର ଇକୋ କ୍ଲବ ଶିକ୍ଷକ ପ୍ରୀତିଲତା ରାଉତଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ୫୦ଜଣ ଇକୋ କ୍ଲବ ଛାତ୍ରୀ ପେଣ୍ଠ ବେଳାଭୂମି ସଫେଇ କରିଛନ୍ତି। ଛାତ୍ରୀମାନଙ୍କୁ ଶିକ୍ଷୟିତ୍ରୀ, ଶିକ୍ଷକମାନେ ସହଯୋଗ କରିଥିଲେ । ଏହି ଅବସରରେ ପେଣ୍ଠ ବେଳାଭୂମି ସଫେଇ କରାଯିବା ସହ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ପର୍ଯ୍ୟଟକଙ୍କ ମଧ୍ୟରେ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ । ପେଣ୍ଠ ବେଳାଭୂମିରେ ପଡିଥିବା ପ୍ଲାଷ୍ଟିକ ବୋତଲ, ଜରି, ପଲିଥିନ ଏବଂ ଅଳିଆ ଆବର୍ଜନାକୁ ସଂଗ୍ରହ କରି ଅନ୍ୟତ୍ର ନଷ୍ଟ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ମମତା ରାଉତ, ବନଜା ମଲ୍ଲିକ, ଲିଲି ବେହେରା, ସୁରତ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ମା', ବାପା,ଶିକ୍ଷାନୁଷ୍ଠାନକୁ ଭୁଲିବା ଉଚିତ ନୁହେଁ

**ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ୬୦ତମ ପ୍ରତିଷ୍ଠା ଦିବସ**

- ଭାବପ୍ରବଣ ହେଲେ ସରକାରୀ ମୁଖ୍ୟ ସଚେତକ
- ଦରମାରୁ ୧ ଲକ୍ଷ ଟଙ୍କା ଦାନ କଲେ
- ଯୁକ୍ତ ୨ ନୂଆ ବ୍ଲକ ନିର୍ମାଣ ପାଇଁ ୪୦ ଲକ୍ଷ ଓ ଅଡିଟୋରିୟମ୍ ନବୀକରଣ ଲାଗି ଘୋଷଣା

ଜଗତ୍‌ସିଂହପୁର ଅଫିସ, ୧୧।୨



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଏମ୍‌ପି ରାଜଶ୍ରୀ ମଲ୍ଲିକ ଓ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲିଙ୍କ ସହ ଅନ୍ୟମାନେ।

ଜଗତ୍‌ସିଂହପୁର ଜିଲାର ପ୍ରତିଷ୍ଠିତ ତଥା ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ସ୍ମାରକ (ଏସ୍‌ଭିଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ୬୦ତମ ପ୍ରତିଷ୍ଠା ଦିବସ ମହାବିଦ୍ୟାଳୟ ପରିସର ବିଜୁ ପଟ୍ଟନାୟକ ଅଡିଟୋରିୟମରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ପୁରାତନ ଛାତ୍ର, ଜଗତ୍‌ସିଂହପୁର ବିଧାୟକ ତଥା ସରକାରୀ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇଥିଲେ। ସେ ଭାଷଣ ଦେଲାବେଳେଭାବପ୍ରବଣ ହୋଇକହିଥିଲେ, ମଞ୍ଚାସୀନ ଅତିଥିମାନେ ଓ ଅଧ୍ୟକ୍ଷ ଯେତେବେଳେ ତାଙ୍କ ପଦବୀକୁ ନେଇ ସମ୍ବୋଧନ କରୁଥିଲେ ସେତେବେଳେ ସେ ନିଜ ମନକୁ ବୁଝାଇ ପାରୁ ନ ଥିଲେ। କାରଣ ଏହି ମହାବିଦ୍ୟାଳୟରେ ସେ ପଢିଲା ବେଳେ ନାଚ, ଖେଳ ଆଦି କେତେ ଯେ ସ୍ମୃତି ସାଉଁଟିଛନ୍ତି ତାହା ଭାବିଲା ବେଳକୁ ଦେହରେ ଶିହରଣ ଖେଳି ଯାଉଛି। ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ସଭାପତି ନିର୍ବାଚିତ ହେବା ତାଙ୍କ ରାଜନୈତିକ ମୂଳଦୁଆ ପକାଇଥିଲା ବୋଲି କହିଥିଲେ। ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରି କହିଥିଲେ, ଜନ୍ମଦାତ୍ରୀ ମା', ବାପାଙ୍କୁ କେବେ କେହି ଭୁଲିବା ଉଚିତ ନୁହେଁ । ପିଲା ଯେତେ ବଡ ହେଲେ ବି ମା' ବାପାଙ୍କ ଋଣ କେବେ କେହି ଶୁଝି ପାରନ୍ତି ନାହିଁ । ସେହିପରି ଯେଉଁ ଶିକ୍ଷାନୁଷ୍ଠାନ ଆମକୁ ଶିକ୍ଷା ଦେଇଛି ତାକୁ ମଧ କେବେ ଭୁଲିବା ଉଚିତ ନୁହେଁ ବୋଲି କହିଥିଲେ। ଏହି ଅବସରରେ ସେ ମହାବିଦ୍ୟାଳୟ ପରିସର ଯୁକ୍ତ ୨ ବ୍ଲକର ପୃଥକ ବିଲ୍ଡିଂ ନିର୍ମାଣ ପାଇଁ ବିଧାୟକ ପାଣ୍ଠିରୁ ୨୦ ଲକ୍ଷ ଏବଂ ପାଖରେ ବସିଥିବା ଏମ୍‌ପି ରାଜଶ୍ରୀ ମଲ୍ଲିକଙ୍କ ଅନୁମତିକ୍ରମେ ଏମ୍‌ପି ପାଣ୍ଠିରୁ ୨୦ ଲକ୍ଷ ଏହିପରି ମୋଟ ୪୦ ଲକ୍ଷ ଟଙ୍କା ଅନୁଦାନ ଦିଆଯିବ ବୋଲି ଘୋଷଣା କରିଥିଲେ। ଏହି କାମ ୧ ମାସ ଭିତରେ ଆରମ୍ଭ ହେବ । କେବଳ ଏତିକି ନୁହେଁ, ପୁରାତନ ଛାତ୍ର ହିସାବରେ ମୋ କଲେଜ ଅଭିଯାନ ଯୋଜନାକୁ ସହଯୋଗ ପାଇଁ ବିଧାୟକ ମୁଦୁଲି ତାଙ୍କ ଦରମାରୁ ୧ ଲକ୍ଷ ଟଙ୍କାର ଚେକ୍ ଅଧ୍ୟକ୍ଷଙ୍କୁ ପ୍ରଦାନ କରିଥିଲେ। ଛାତ୍ରୀ ଓ ଛାତ୍ର ନିବାସ ସାଙ୍ଗକୁ ଗେଷ୍ଟ ହାଉସ ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ ଏବଂ ମହାବିଦ୍ୟାଳୟ ପରିସରରେ ଉଜ୍ଜ୍ୱଳ ବିଦ୍ୟୁତୀକରଣ କାମ ଖୁବ୍‌ଶୀଘ୍ର ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ପାତ୍ର ସ୍ୱାଗତ ଭାଷଣ, ଅତିଥି ପରିଚୟ ସାଙ୍ଗକୁ ସଭାରେ ପୌରୋହିତ୍ୟ କରିଥିଲେ । ଉତ୍ସବରେ ମୁଖ୍ୟ ବକ୍ତାଭାବେ ଏମ୍‌ପି ରାଜଶ୍ରୀ ମଲ୍ଲିକ, ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟ ପୂର୍ବତନ ପ୍ରାଧ୍ୟାପକ ତଥା ନିମାପଡ଼ା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ଦାଶ, ପୂର୍ବତନ ପ୍ରାଧ୍ୟାପକ ଗୀତା କାନୁନ୍‌ଗୋ ଓ ସୁଶୀଲ କୁମାର ମଲ୍ଲିକ ଯୋଗଦେଇ ମହାବିଦ୍ୟାଳୟର ଗରିମା ବଖାଣିବା ସହ ପାଠ ପଢାରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ବରିଷ୍ଠ ଖବରଦାତା ଶଶାଙ୍କ ଶେଖର ପଣ୍ଡା ତାଙ୍କ ମାତା, ପିତାଙ୍କ ସ୍ମୃତିରେ ବାସନ୍ତୀ-ହେମନ୍ତ ମେମୋରିଆଲ ସ୍କଲାରଶିପ ଆରମ୍ଭ କରିବା ପାଇଁ କଲେଜ ଅଧ୍ୟକ୍ଷଙ୍କୁ ୧ ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଥିଲେ । ଏହି ଅର୍ଥ କଲେଜ ଆକାଉଣ୍ଟରେ ଫିକ୍ସଡ୍ ଡିପୋଜିଟ୍ ହୋଇରହିବ । ପ୍ରତିବର୍ଷ ଏଥିରୁ ମିଳିବାକୁ ଥିବା ସୁଧ ରାଶି ଯୁକ୍ତ ୩ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଟପ୍ପରଙ୍କୁ ସ୍କଲାରଶିପ ଓ ମାନପତ୍ର ଉଦ୍ଦେଶ୍ୟରେ ଖର୍ଚ୍ଚ କରାଯିବ । ସେହିପରି ମହାବିଦ୍ୟାଳୟ ଉନ୍ନତିରେ ଉଲ୍ଲେଖନୀୟ ଅବଦାନ ରଖିଥିବା ପୂର୍ବତନ ଅଧ୍ୟକ୍ଷ, ପ୍ରାଧ୍ୟାପକ, କର୍ମଚାରୀ ଓ ଛାତ୍ରନେତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାଛଡା ମହାବିଦ୍ୟାଳୟ ଯୁକ୍ତ ଦୁଇ ଓ ଯୁକ୍ତ ୩ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ୪୦ରୁ ଅଧିକ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଯୁକ୍ତ ୨ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଶେଷରେ ମହାବିଦ୍ୟାଳୟ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ସଂକ୍ଷେପରେ

### ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରୁ ଚୋରି

ଛତ୍ରପୁର,୧୧।୨(ଡି.ଏନ୍.ଏ )- ଛତ୍ରପୁର ଉପଖଣ୍ଡ ସରକାରୀ ଚିକିତ୍ସାଳୟରେ ଶନିବାର ଜଣେ ରୋଗୀଙ୍କ ମୋବାଇଲ ଚୋରି ଘଟଣା ଚିକିତ୍ସାଳୟରେ ଆତଙ୍କ ଖେଳିଯାଇଛି। ଛତ୍ରପୁର ଥାନା ଅନ୍ତର୍ଗତ ପଦ୍ମାବତୀ ଗ୍ରାମର ସନ୍ତୋଷିନୀ ବସନ୍ତିଆ ପୁଅର ଦେହ ଅସୁସ୍ଥ ଥିବା ନେଇ ଗତ ୭ ତାରିଖରେ ଛତ୍ରପୁର ମେଡିକାଲରେ ଭର୍ତ୍ତି କରିଥିଲେ। ଶନିବାର ସକାଳେ ମେଡିକାଲ ପରିସରରୁ ତାଙ୍କ ମୋବାଇଲକୁ କେହି ଦୁର୍ବୃତ୍ତ ଚୋରି କରି ନେଇଛନ୍ତି। ଏ ନେଇ ସେ ପ୍ରଥମେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଜଣେଇଥିଲେ ମଧ୍ୟ ସିସି ଟିଭି ଦେଖିବା ପାଇଁ କର୍ତ୍ତୃପକ୍ଷ ମନା କରିବା ସହିତ ନିଜ ଜିନିଷ ନିଜ ଦାୟିତ୍ୱରେ ରଖିନଥିବାରୁ ଏଭଳି ହୋଇଥିବା କହିଥିଲେ ବୋଲି ସନ୍ତୋଷିନୀ ଅଭିଯୋଗ କରିଛନ୍ତି। ତେବେ ସରକାରୀ ଉପଖଣ୍ଡ ଚିକିତ୍ସାଳୟରେ ଏଭଳି ଘଟଣା ଘଟିଥିବାରୁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି । ପରେ ଏ ନେଇ ଛତ୍ରପୁର ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି।

### ଦିବ୍ୟାଙ୍ଗ ବିଦ୍ୟାଳୟରେ ପରିଚାଳନା କମିଟି ବୈଠକ

ଆର.ଉଦୟଗିରି,୧୧।୨(ଡି.ଏନ୍.ଏ.)- ମୋହନା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦୃଷ୍ଟିହୀନ, ବଧିର, ମାନସିକ ଅନଗ୍ରସର ଓ ମସ୍ତିଷ୍କ ପକ୍ଷାଘାତ ସ୍ୱତନ୍ତ୍ର ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ଉପସଭାପତି ଶରତ ମଲିକ ସଭାପତିତ୍ୱ କରିଥିଲେ। ଏହି ବୈଠକରେ ସମ୍ପାଦକ ଦଣ୍ଡାସି ସାହୁ, ସହସମ୍ପାଦକ ମନୋଜ କୁମାର ସାହୁ, ପ୍ରଶାନ୍ତ ବୀର ଓ କମିଟି ସଦସ୍ୟମାନେ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ମୁଖ୍ୟ ବିଷୟ ହେଉଛି ବିଦ୍ୟାଳୟ ନେଇ କୌଣସି ସତ୍ୟତା ନଥାଇ କିଛି ଖବରକାଗଜରେ ବାରମ୍ବାର ପ୍ରକାଶ ହେଉଥିବାରୁ କମିଟି ପକ୍ଷରୁ ଦୁଃଖ ପ୍ରକାଶ କରାଯାଇଥିଲା। ମୋହନା ସାମ୍ବାଦିକ ସଂଘ ସଭାପତି ଲକ୍ଷ୍ମଣ ଚୌଧୁରୀଙ୍କୁ ଲିଖିତ ଆକାରରେ ଜଣାଇବା ସହ ଏହି ବିଷୟ ନେଇ ଆଲୋଚନା କରିବାକୁ ବୈଠକରେ ସ୍ଥିର ହୋଇଥିଲା।

### ମା’ ପଞ୍ଚଠାକୁରାଣୀ ଯାତ୍ରା ପ୍ରସ୍ତୁତି ବୈଠକ

ବୁଗୁଡା,୧୧।୨(ଡି.ଏନ୍.ଏ.)-ବୁଗୁଡ଼ାରେ ମା’ ପଞ୍ଚଠାକୁରାଣୀ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ସ୍ଥାନୀୟ ବିରଞ୍ଚି ନାରାୟଣ କଲ୍ୟାଣ ମଣ୍ଡପରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଶ୍ରମମନ୍ତ୍ରୀ ତଥା ଯାତ୍ରା କମିଟି ସଭାପତି ଶ୍ରୀକାନ୍ତ ସାହୁ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଠାକୁରାଣୀ ଯାତ୍ରା ପାଇଁ ମହାଶିବରାତ୍ରି ଦିନ ଶୁଭଖୁଣ୍ଟି ସ୍ଥାପନ, ସହରର ପ୍ରତ୍ୟେକ ସାହିରେ କମିଟି ଗଠନ କରି ମେଢ଼ ନିର୍ମାଣ, ରାମଦୋଳି ଓ ମୀନାବଜାର ପାଇଁ ନିଲାମ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯିବା ସହ ଯାତ୍ରାର ସୁପରିଚାଳନା ପାଇଁ ଆଲୋଚନା କରାଯାଇ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଯାତ୍ରା କମିଟି କାର୍ଯ୍ୟକାରୀ ସଭାପତି ବସନ୍ତ କୁମାର ଦଳାଇ, ସାଧାରଣ ସମ୍ପାଦକ ବିଶ୍ୱମୋହନ ମିଶ୍ର, ଏନ୍ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ଉପାଧ୍ୟକ୍ଷା ଗୀତାଞ୍ଜଳି ପାଢ଼ୀ, ବୁଗୁଡା ବ୍ଲକ ଅଧ୍ୟକ୍ଷା ପ୍ରତିନିଧି କେ. ନୀଳମାଧବ ଆଚାରୀ, ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ଧରଣୀଧର ପଣ୍ଡା, ଉପଦେଷ୍ଟା ମଣ୍ଡଳୀ ଏବଂ କମିଟିର ସଭ୍ୟମାନେ ଉପସ୍ଥିତ ଥିଲେ।

# ଆବାସ ପାଇଁ ୩୦ ବର୍ଷ ହେଲା ଆବେଦନ କରୁଛନ୍ତି ଦିବ୍ୟାଙ୍ଗ

**ଫୁଲବାଣୀ ଅଫିସ/ଟିକାବାଲି, ୧୧।୨**

ସରକାର ଦିବ୍ୟାଙ୍ଗଙ୍କ ସୁବିଧା ପାଇଁ ସବୁ ବ୍ୟବସ୍ଥା କରିଛନ୍ତି। ସେମାନଙ୍କୁ ଚାଉଳ, ଭତ୍ତା ସହ ଆବାସ ଗୃହ ଯୋଗାଇ ଦେଉଛନ୍ତି। ହେଲେ ପ୍ରଶାସନିକ ଅଧିକାରୀ ଏବଂ ନିର୍ବାଚିତ ପ୍ରତିନିଧିଙ୍କ ବେପରୁଆ ମନୋଭାବ ଯୋଗୁ ହିତାଧିକାରୀ ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। କନ୍ଧମାଳ ଜିଲା ଟିକାବାଲି ବ୍ଲକ କଇଁଫର ପଞ୍ଚାୟତ ଡଗପଦର ଗ୍ରାମର ଜଣେ ବିଦ୍ୟାଙ୍ଗ ଦୀର୍ଘ ୩୦ ବର୍ଷ ହେଲା ଆବାସ ଗୃହଟିଏ ପାଇଁ ବାରମ୍ବାର ଆବେଦନ କରି ଆସୁଥିଲେ ହେଁ ତାଙ୍କ କଥାକୁ କେହି ଶୁଣୁ ନାହାନ୍ତି।

ଡଗପଦର ଗ୍ରାମର ସଦାନନ୍ଦ ମଲ୍ଲିକଙ୍କୁ ଏବେ ୫୫ ବର୍ଷ। ପିଲା ବେଳେ ସେ ଠିକ୍ ଥିଲେ। ୨୫ ବର୍ଷ ବୟସରେ ତାଙ୍କ ବାମ ଗୋଡରେ ଯନ୍ତ୍ରଣା ହେଲା। ଗୋଡ଼ ଭଲ କରିବା ପାଇଁ ମେଡିକାଲ ଯାଇ ଖର୍ଚ୍ଚାନ୍ତ ହେଲେ। ମାତ୍ର କିଛି ସୁଫଳ ମିଳିଲାନି। ଧିରେ ଧିରେ ଗୋଡ ସରୁ ହୋଇଗଲା। ଚାଲିବାରେ କଷ୍ଟ ହେଲା। ବାଡି ସାହାରା ବିନା ଠିଆ ହୋଇ ପାରିଲେନି। ପରେ ସରକାରଙ୍କ ପକ୍ଷରୁ ତାଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ମିଳିଛି । ତେବେ ତାଙ୍କୁ କେବଳ ଚାଉଳ ଏବଂ ଭତ୍ତା ମିଳୁଥିବା ବେଳେ ଆବାସ ଗୃହ ଯୋଗାଇ ଦିଆଯାଉନାହିଁ। ୩୦ ବର୍ଷ ହେବ ସେ ଘର ଖଣ୍ଡିଏ ଚାହିଁ ବସିଥିଲେ ବି ମିଳୁନି। ମାଟି ଘରେ ରହି ବହୁ ଅସୁବିଧା ଭୋଗୁଛନ୍ତି। ସଦାନନ୍ଦ କହିଛନ୍ତି, ସ୍ତ୍ରୀ ଏବଂ ଗୋଟିଏ ପୁଅକୁ ନେଇ ମୋର ସଂସାର । ମୁଁ କାମ କରିପାରୁନାହିଁ । ପୁଅ ଛୋଟ । କିଛି ବର୍ଷ ହେବ ମୋର ଘର ଖଣ୍ଡେ ଆସିଥିଲା। ହେଲେ ସେମାନେ ମୋତେ ଦେଲେ ନାହିଁ। ଭାଇମାନଙ୍କୁ ନିର୍ଭର କରି ଚଳୁଛି । ଘର ଖଣ୍ଡେ ଯୋଗାଇ ଦେଲେ ଉପକୃତ ହୁଅନ୍ତି ବୋଲି ସଦାନନ୍ଦ କହିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ରୁନିତା କହଁରଙ୍କୁ ପଚାରିବାରେ ସଦାନନ୍ଦଙ୍କ ନାଁ ଲିଷ୍ଟରେ ଅଛି କି ନାହିଁ ଦେଖିଲା ପରେ କହିବି । ତାଙ୍କୁ କିପରି ଘର ମିଳିବ ସେଥିପାଇଁ ଚେଷ୍ଟା କରିବି ବୋଲି କହିଛନ୍ତି।



ସଦାନନ୍ଦ ମଲ୍ଲିକ।

# ରାଷ୍ଟ୍ରୀୟ ଲୋକ ଅଦାଲତ, ୧୨୨୯୬ ମାମଲା ସମାଧାନ

ପାରଳାଖେମୁଣ୍ଡି, ୧୧।୨ (ଡି.ଏନ୍.ଏ):

ଗଜପତି ଜିଲ୍ଲା ଆଇନ ପ୍ରାଧିକରଣ ତରଫରୁ ପ୍ରଥମ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ଦୌରା ଜଜ୍ ପ୍ରଦୀପ କୁମାର ସାମଲ ଉପସ୍ଥିତ ଥିଲେ। ପରିବାର ଅଦାଲତ ଜଜ୍ ସୁବ୍ରତ ମହାନ୍ତି, ଆଇନ ସେବା ପ୍ରାଧିକରଣ ସଚିବ ରବି ନାରାୟଣ ବେହେରା, ବରିଷ୍ଠ ଦେୱାନୀ ବିଚାରପତି ସନ୍ତୋଷ କୁମାର ଅଗ୍ରୱାଲ, କୋର୍ଟ ରେଜିଷ୍ଟ୍ରେର ସତ୍ୟବ୍ରତ ରଣା, ଉପଖଣ୍ଡ ବିଚାର ବିଭାଗୀୟ ଅଧିକାରିଣୀ ବର୍ଷା ଶର୍ମା, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ସୁଭଜିତ ବେହେରା ପ୍ରମୁଖ କୋର୍ଟ କାର୍ଯ୍ୟ ସମ୍ପାଦନ କରିଥିଲେ। ସେହିପରି ଆର.ଉଦୟଗିରିଠାରେ ବିଚାରପତି ପୂଣ୍ୟଶ୍ଲୋକ ରଥ ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ପାରସ ପାଢ଼ୀ, ମୋହନା କୋର୍ଟଠାରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରିଣୀ ଅନନ୍ୟା ଦାସ, କାଶୀନାଗର କୋର୍ଟ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରିଣୀ ଅଙ୍କିତା ଗୁରୁ ପ୍ରମୁଖ ଉପସ୍ଥିତ ରହି କୋର୍ଟ କାର୍ଯ୍ୟ ସମ୍ପାଦନ କରିଥିଲେ। ସମୁଦାୟ ୧୨୪୩୧ଟି ମାମଲା ବିଚାରାକୁ ନିଆଯାଇ ୧୨୨୯୬ଟି ସମାଧାନ କରାଯାଇ ୧୧,୧୭,୫,୭୬୯ ଟଙ୍କା ଆଦାୟ କରାଯାଇଛି।

# ଦାବି ପୂରଣ ନ ହେଲେ ଆନ୍ଦୋଳନ

## ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ଚେତାବନୀ





ଶେରଗଡ଼ରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରତିବାଦ ସଭା।

ଶେରଗଡ଼/ ଗଞ୍ଜାମ, ୧୧।୨(ଡି.ଏନ.ଏ):

ଶେରଗଡ଼ ବ୍ଲକ ମିଳିତ ଶିକ୍ଷକ ସଂଘ ପକ୍ଷରୁ ବିଇଓ କାର୍ଯ୍ୟାଳୟ ସମ୍ମୁଖ ଶାରୀରିକ ସଭାଗୃହରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ସଂଘର ସଭାପତି ଅରୁଣ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସରକାରଙ୍କୁ ଶିକ୍ଷକମାନଙ୍କ ପ୍ରତି ଟାଳଟୁଳ ନୀତି ଗ୍ରହଣ କରାଯାଉଥିବା ନେଇ ଆଲୋଚନା ହୋଇଥିଲା। ଶିକ୍ଷା କ୍ଷେତ୍ରରେ ଠିକା ନିଯୁକ୍ତି ବନ୍ଦ କରିବା, ୬ଟି ଇନ୍କ୍ରିମେଣ୍ଟ ଦେଇ ମୂଳ ଦରମାରେ ମିଶାଇବା, କେନ୍ଦ୍ରୀୟ ହାରରେ ଦରମା, ପୁରୁଣା ପେନସନ ପ୍ରଚଳନ କରିବା ନେଇ ବିଧାନସଭା ସମ୍ମୁଖରେ ଗତ ଡିସେମ୍ବର ମାସରେ ଆନ୍ଦୋଳନ କରିଥିଲେ। ସରକାର ଏ ଦିଗରେ ଦୃଷ୍ଟି ଦେବା ସହ ଗତ ୧୬ରୁ ୨୦ତାରିଖ ଭିତରେ ସମାଧାନ କରିବା ନେଇ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଗତ ଡିସେମ୍ବର ୨୧ ଓ ୨୯ତାରିଖରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକରେ ଦାବି ସମ୍ପର୍କରେ ଜଣାଯାଇଥିଲା। ତଥାପି ଆଜି ପର୍ଯ୍ୟନ୍ତ ସରକାର କୌଣସି ପଦକ୍ଷେପ ନେଇ ନାହାନ୍ତି। ତେଣୁ ଆସନ୍ତା ବିଧାନସଭା ଅଧିବେଶନ ପୂର୍ବରୁ ସରକାର ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି। ନଚେତ ଶିକ୍ଷା କ୍ଷେତ୍ରରେ ଯାହା ବାଧା ଉପୁଜିବ ସେଥି ନିମନ୍ତେ ସରକାର ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି। ଉକ୍ତ ସଭାରେ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

ସେହିପରି ଗଞ୍ଜାମ ବ୍ଲକ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ଏକ ଜରୁରୀ ବୈଠକ ସଂଘ ସଭାପତି ଗଜେନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସମ୍ପାଦକ ଲକ୍ଷଣ ନାହାକ, ଉପସଭାପତି ଗୋପବନ୍ଧୁ ସ୍ୱାଇଁ, ସହ ସମ୍ପାଦକ ଗୀତାଞ୍ଜଳୀ ସାମନ୍ତ, କୋଷାଧ୍ୟକ୍ଷ ଜୟକୃଷ୍ଣ ତ୍ରିପାଠୀ, ଉପଦେଷ୍ଟା ନିରଞ୍ଜନ ମହାପାତ୍ର ଓ ହୃଷିକେଶ ପଣ୍ଡାଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ତ୍ରିନାଥ ମନ୍ଦିରର ବାର୍ଷିକ ଉତ୍ସବ

ବାଲିଗୁଡା,୧୧।୨(ଡି.ଏନ.ଏ.)

ବାଲିଗୁଡ଼ା ଷ୍ଟେଟ ବ୍ୟାଙ୍କ ଛକରେ ଥିବା ତ୍ରିନାଥ ମନ୍ଦିରର ମଣ୍ଡପରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଗତ ଦୁଇବର୍ଷ କରୋନା ମହାମାରୀ ଥିବା ଯୋଗୁ ନିରାଡମ୍ବର ସହକାରେ ପାଳିତ ହୋଇ ଆସୁଥିବା ବେଳେ ଚଳିତ ବର୍ଷ କରୋନା କଟକଣା ନଥିବା ଯୋଗୁ ମନ୍ଦିରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମନ୍ଦିର ପରିସରରେ ହୋମଯଜ୍ଞ, ଘୃତଯଜ୍ଞ ଓ ଅର୍ଣ୍ଣଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ପ୍ରକାଶ ଚନ୍ଦ୍ର ନାୟକ, ସ୍ୱପ୍ନେଶ୍ୱର ସାହୁ, ରଞ୍ଜିତ ଚୌଧୁରୀ, ସଞ୍ଜିବ ମଲ୍ଲ, ନରସିଂହ ବେହେରା, ଫକିର ମୋହନ ଦୋରା, ହରେକୃଷ୍ଣ ରାଓ, ଅନ୍ତର୍ଯ୍ୟାମୀ ବେହେରା, ସୁରେନ୍ଦ୍ର ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ମନ୍ଦିର ରାସ୍ତା ମାଡ଼ି ବସୁଛନ୍ତି ବେପାରୀ

**କବିସୂର୍ଯ୍ୟନଗର,୧୧।୨(ଡି.ଏନ.ଏ.)**

ଗଞ୍ଜାମ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା’ ମହାମାୟୀ। ରାଜ୍ୟର କୋଣଅନୁକୋଣରୁ ଛୁଟି ଆସନ୍ତି ହଜାର ହଜାର ଭକ୍ତ। ବିଶେଷତଃ ଅମାବାସ୍ୟା, ସଂକ୍ରାନ୍ତି, ମଙ୍ଗଳବାର ଓ ଶନିବାର ଆଦି ଦିନରେ ଭିଡ଼ ଜମେ। ମା’ ମହାମାୟୀଙ୍କ ତୋରଣ ମୁଖ୍ୟ ରାସ୍ତାକୁ ମୁହଁକରି ରହିଛି। ଏଠାରୁ ମନ୍ଦିର ପ୍ରାୟ ୨୦୦ମିଟର। ରାସ୍ତାର ଉଭୟ କଡ଼ରେ ମାଳ ମାଳ ଦୋକାନୀ ପସରା ପକାଇ ବେପାର କରନ୍ତି। ଏମାନେ ରାସ୍ତାର ଅଧା ସ୍ଥାନ ମାଡ଼ି ବସୁଛନ୍ତି। ଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ଦୁର୍ଘଟଣାର ଆଶଙ୍କା ମଧ୍ୟ ଦେଖାଦେଇଛି। ଅନଧିକୃତ ଭାବେ ମାଡ଼ି ବସିଥିବା ବେପାରୀଙ୍କଠାରୁ ଏନଏସି ପ୍ରତିଦିନ ଟିକସ ଆଦାୟ କରୁଛି। କିନ୍ତୁ ତା’ ପ୍ରତି ଦୃଷ୍ଟି ନ ଦେବା ଭକ୍ତଙ୍କ ଭାବାବେଗକୁ ବାଧୁଛି। ଅନ୍ୟପଟେ ମନ୍ଦିର ସମ୍ମୁଖରେ ଅନଧିକୃତ ଭାବେ ମାଳ ମାଳ ଗାଡି ପରିସ୍ଥିତିକୁ ଅଣାୟତ୍ତ କରୁଛି। ଯାହା ଫଳରେ ଭକ୍ତଙ୍କ ଯାତାୟାତରେ ବାଧା ଉପୁଜୁଛି। ସୂଚନା ପ୍ରକାରେ ବେପାରୀ ସ୍ୱତଃପ୍ରବୃତ୍ତ ରାସ୍ତାରୁ ହଟିବାକୁ ଚାହୁଁଥିଲେ ବି ସମସ୍ତ ବେପାରୀଙ୍କ ମଧ୍ୟରେ ସମନ୍ୱୟ ରହୁନି। ଅନ୍ୟପଟେ ପ୍ରଶାସନିକ ଅଧିକାରୀ, ଏନଏସି କର୍ତ୍ତୃପକ୍ଷଙ୍କ ଠାରେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟି ନ ଦେବା କ୍ଷୋଭ ଓ ପରିତାପର ବିଷୟ। ମହାମାୟୀ ମନ୍ଦିରକୁ ପ୍ରବେଶ ଓ ପ୍ରସ୍ଥାନ ରାସ୍ତା ଭିନ୍ନ ହେବା ସହ ରାସ୍ତାକୁ ମାଡ଼ି ବସିଥିବା ବେପାରୀକୁ ତୁରନ୍ତ ଉଠାଯାଉ ବୋଲି ସହରବାସୀ ଦାବି କରିଛନ୍ତି।



ମନ୍ଦିର ରାସ୍ତା ଉପରେ ବ୍ୟବସାୟ।

# ଚର୍ମବିଣ୍ଡି ରୋଗରେ ଗୋରୁ ଆକ୍ରାନ୍ତ

**ବୁଗୁଡ଼ା, ୧୧।୨(ଡି.ଏନ.ଏ.)**

ବୁଗୁଡ଼ା ଅଞ୍ଚଳରେ ବ୍ୟାପିଛି ଚର୍ମବିଣ୍ଡି ରୋଗ ଆତଙ୍କ। ଆକ୍ରାନ୍ତ ହେଲେଣି ଶହ ଶହ ଗୋରୁ। ବସନ୍ତ ଭଳି ବ୍ୟାପୁଛି ଏହି ରୋଗ। ଏହି ରୋଗରେ ଗୋରୁଙ୍କ ଚର୍ମ କଳା ପଡିବା ସହ ବିଭିନ୍ନ ସ୍ଥାନରେ କ୍ଷତ ହୋଇ ରକ୍ତସ୍ରାବ ହେଉଛି। ଏହି ରୋଗ ପାଇଁ କୌଣସି ଔଷଧ ବାହାରି ନ ଥିବାରୁ ଗୋପାଳକମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ବୁଗୁଡ଼ା ପ୍ରାଣୀଧନ ଚିକିତ୍ସା ବିଭାଗ ଏହି ରୋଗ ପାଇଁ ବସନ୍ତ ଟିକା ପ୍ରୟୋଗ କରୁଥିବା ବେଳେ ଏହି ଟିକା କାମ କରୁନଥିବା ଯୋଗୁ ଦିନକୁ ଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହା ଏକ ଡିଆଁ ରୋଗ ହୋଇଥିବାରୁ ପ୍ରଥମେ ଏହା ଗ୍ରାମାଞ୍ଚଳର କାଁ ଭାଁ କେଉଁଠି ଆରମ୍ଭ ହୋଇ ପରମୁହୂର୍ତ୍ତରେ ଅନ୍ୟ ଆଡକୁ ବ୍ୟାପିଥିଲା। ଏ ନେଇ ପ୍ରାଣୀ ଚିକିତ୍ସକ ଭଗବତୀ ପ୍ରସାଦ ଦାଶଙ୍କୁ ପଚାରିବାରେ ଏହି ରୋଗ ପାଇଁ ନିର୍ଦ୍ଦିଷ୍ଟ ଔଷଧ ବାହାରି ନ ଥିବାରୁ ପ୍ରତିଷେଧକ ଭାବେ ବସନ୍ତ ରୋଗର ଚିକିତ୍ସା ପାଇଁ ଆସୁଥିବା ଟିକା ଦିଆଯାଉଥିଲେ ହେଁ ଏହା କାମ ଦେଉ ନଥିବା ସେ କହିଛନ୍ତି। ଏବେ ବୁଗୁଡ଼ା ଅଞ୍ଚଳର ବହୁ ଗ୍ରାମରେ ଅନେକ ଗୋରୁ ଏହି ରୋଗରେ ଆକ୍ରାନ୍ତ ହୋଇ ଛଟପଟ ହେଉଥିବା ବେଳେ ପ୍ରାଣୀଧନ କର୍ମଚାରୀମାନେ ଧରାଛୁଆଁ ଦେଉନଥିବା ଅଭିଯୋଗ ହେଉଛି। ଏହି ସାଙ୍ଘାତିକ ଚର୍ମବିଣ୍ଡି ରୋଗର ପ୍ରତିକାର ବ୍ୟବସ୍ଥା ନକଲେ ବହୁ ଗୋରୁ ମୃତ୍ୟୁମୁଖରେ ପଡ଼ିବା ଆଶଙ୍କା ଦେଖାଦେଇଛି।

# ଭଞ୍ଜନଗରରେ ୧୪୧ ମାମଲା ଫଇସଲା



ଲୋକ ଅଦାଲତାରେ ମାମଲା ଫଇସଲା ଚାଲିଛି ।

**ଭଞ୍ଜନଗର,୧୧।୨(ଡି.ଏନ.ଏ)**

ଭଞ୍ଜନଗର ତାଲୁକା ଆଇନ ସେବା କମିଟି ପକ୍ଷରୁ ୨୦୨୩ର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୪୧ଟି ମାମଲା ଫଇସଲା କରାଯାଇଛି। ମୋଟର ଦୁର୍ଘଟଣାଜନିତ ୧୯ଟି ମାମଲା ଫଇସଲା କରାଯାଇ ୭୬ଲକ୍ଷ ୬୮ ହଜାର ଟଙ୍କା ବୀମା ବାବଦକୁ ହିତାଧିକାରୀଙ୍କୁ ଦେବାକୁ ବୀମା କମ୍ପାନିଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ୧୧ଟି ବ୍ୟାଙ୍କ ଋଣ ମାମଲା ଫଇସଲା କରାଯାଇ ୧୯ଲକ୍ଷ ୪୫ହଜାର ୨୫ଟଙ୍କା ଆଦାୟ କରାଯାଇଛି। ଏଥିସହ ଅନ୍ୟାନ୍ୟ ମାମଲା ଫଇସଲା କରାଯାଇଛି। ଅତିରିକ୍ତ ଜିଲା ଜଜ୍ ତଥା ତାଲୁକା ଆଇନ ସେବା କମିଟି ଅଧ୍ୟକ୍ଷ ଦେବଦତ୍ତ ପଟ୍ଟନାୟକ, ବରିଷ୍ଠ ଦେୱାନୀ ବିଚାରପତି ସୋମଲିନା ମିଶ୍ର, ଏସ୍ଡ଼ିଜେଏମ୍ ଅମିତ୍ କୁମାର, ଜେଏମ୍ଏଫସି ସନ୍ଧ୍ୟା ସୁଚରିତା ମାମଲା ଗୁଡ଼ିକୁ ଫଇସଲା କରିଥିଲେ। ଲୋକ ଅଦାଲତ ବେଞ୍ଚ ସଦସ୍ୟ ଡ଼. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ସଭ୍ୟା ଅଳକା ମଞ୍ଜରୀ ପଟ୍ଟନାୟକ, ବାର୍ ଆସୋସିଏଶନ ସଭାପତି ସନ୍ତୋଷ ନାୟକ, ଆଇନଜୀବୀ ସନ୍ତୋଷ ତିଆଡ଼ି, ଗୋପାଳ ତ୍ରିପାଠୀ, ଅରୁଣ ପାଢ଼ୀ, ବଂଶୀଧର ପ୍ରଧାନ ପ୍ରମୁଖ ମାମଲାଗୁଡ଼ିକ ଫଇସଲା କରିବାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ କୋର୍ଟ କର୍ମଚାରୀ ଅଙ୍କନ୍ ପ୍ରଧାନ, ସୁନିଲ ମୁଦୁଲି, ଶଙ୍କର ମହାନ୍ତି, ମିଥୁନ୍ ଗୌଡ଼, ଟି.ବି.ପଟ୍ଟନାୟକ ସହଯୋଗ କରିଥିଲେ ।

# ହାଇସ୍କୁଲ, ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ଦିଗପହଣ୍ଡି,୧୧।୨(ଡି.ଏନ.ଏ.)–

ଦିଗପହଣ୍ଡି ବ୍ଲକ ଗଡ଼ଗୋବିନ୍ଦପୁର ଗ୍ରାମସ୍ଥିତ ଶ୍ରୀରଘୁନାଥ ହାଇସ୍କୁଲ ଏବଂ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମିଳିତ ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତା ଏବଂ ସଂଗ୍ରାମ କେଶରୀ ବେହେରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷା ସୁନିତା ସେଠୀ ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଯନ୍ତ୍ରୀ ଇଂ. ବି.ଶଙ୍କର ନାରାୟଣ ସୁବୁଦ୍ଧି, ଗଡ଼ଗୋବିନ୍ଦପୁର ସରପଞ୍ଚ ରଞ୍ଜନ କୁମାର ସାହୁ, ସମିତିସଭ୍ୟ ଏ.ସୁଦାମ ରେଡ୍ଡୀ, କୈଠଖଣ୍ଡି ସରପଞ୍ଚ ମନୋରଞ୍ଜନ ଗୌଡ଼, ପଦ୍ମନାଭପୁର ସରପଞ୍ଚ ପ୍ରତିନିଧି ବି.କ୍ରିଷ୍ଣା ରାଓ ସୁବୁଦ୍ଧି, ଜକର ସରପଞ୍ଚ ପ୍ରତିନିଧି ପ୍ରଶାନ୍ତ କୁମାର ପ୍ରଧାନ, ଗୋକର୍ଣ୍ଣପୁର ସରପଞ୍ଚ ପ୍ରତିନିଧି ସନ୍ତୋଷ ଦୋରା, ସାମାଜିକ କର୍ମୀ ଏମ.ନିରଞ୍ଜନ ରେଡ୍ଡୀ, ଦିଗପହଣ୍ଡି ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ରସାନନ୍ଦ ଘଡେଇ, ପୂର୍ବତନ ଜିଲା ପରିଷଦ ସଦସ୍ୟ କୃଷ୍ଣଚନ୍ଦ୍ର ସେଠୀ, ସ୍କୁଲ ପରିଚାଳନା କମିଟି ସଭାପତି ବଦ୍ରି ପାଣିଗ୍ରାହୀ, କୁରେଶୁ ରେଡ୍ଡୀ, କାର୍ଯ୍ୟକର୍ତ୍ତା ପ୍ରତାପ କୁମାର ସାହୁ, ଚକ୍ରଧର ପ୍ରଧାନ, ମୁକୁନ୍ଦ ପ୍ରଧାନ, ଅଜିତ ଡାକୁଆ, ସନ୍ତୋଷ ଡାକୁଆ, ଜିତୁନ ରେଡ୍ଡୀ, ଚିଣ୍ଟୁ ବେହେରା, ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ, ଅଭିମନ୍ୟୁ ସେଠୀ, ତ୍ରିନାଥ ସାହୁ, ରାଜେନ୍ଦ୍ର ରେଡ୍ଡୀ, ତ୍ରିନାଥ ବେହେରା, ପ୍ରହ୍ଲାଦ ସାମନ୍ତ ଏବଂ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ବି.ନାରାୟଣ ସୁବୁଦ୍ଧି ମଞ୍ଚାସୀନ ଥିଲେ। ବାର୍ଷିକୋତ୍ସବ ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିବୃନ୍ଦ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ।

# ୧କୋଟି ୨ଲକ୍ଷ ୧୯ ହଜାର ୧୫୫ଟଙ୍କା ଆଦାୟ

**ଆସିକା,୧୧।୨(ଡି.ଏନ.ଏ)**

ଆସିକା ବିଚାର ବିଭାଗୀୟ ଅଦଲାତ ପରିସରରେ ଶନିବାର ଅନୁଷ୍ଠିତ ହୋଇଥିବା ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତରେ ୬୬ ମାମଲାର ଫଇସଲା କରାଯାଇ ୧କୋଟି ୨ଲକ୍ଷ ୧୯ ହଜାର ୧୫୫ଟଙ୍କା ଆଦାୟ କରାଯାଇଛି। ଫଇସଲା ହୋଇଥିବା ମାମଲା ମଧ୍ୟରେ ୨ଟି ବ୍ୟାଙ୍କ ଚେକ ମାମଲାର ସମାଧାନ କରାଯାଇ ୧ଲକ୍ଷ ୨୦ ହଜାର ଟଙ୍କା, ୭ ବ୍ୟାଙ୍କ ଋଣ ଆଦାୟ ମାମଲାର ୨୦ ଲକ୍ଷ ୭୯ହଜାର ୧୫୫ଟଙ୍କା, ୨୨ ମଟରଯାନ ଦୁର୍ଘଟଣା ଜନିତ ମାମଲାରେ ୭୮ ଲକ୍ଷ ୯୦ ହଜାର ଟଙ୍କା, ଗୋଟିଏ ଦେୱାନୀ ମାମଲାର ଫଇସଲା କରାଯାଇ ୧ଲକ୍ଷ ୩୦ ହଜାର ଟଙ୍କା ଆଦାୟ କରାଯାଇଥିଲା ବେଳେ ଗୋଟିଏ ଫୌଜଦାରୀ ମାମଲା, ୩ବୈବାହିକ ମାମଲା, ୭ଟି ଭରଣପୋଷଣ ମାମଲା ଏବଂ ୨୩ଟି ଏଫ.ଆର.ଟି ମାମଲାର ଫଇସଲା ହୋଇଛି । ଆସିକା ତାଲୁକା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରା ଜଜ୍ ପ୍ରବୀର କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ଦେୱାନୀ ବିଚାରପତି ସୌଦାମିନୀ ବିଶ୍ୱାଳ, କନିଷ୍ଠ ଦେୱାନୀ ବିଚାରପତି ଝିଲିଲିନା ନାୟକ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମୋନାଲି ବେହେରା, ସ୍ୱେତା ଦାସ, ପ୍ରାଧିକରଣ ସଦସ୍ୟ ବରିଷ୍ଠ ଆଇନଜୀବୀ ଇ. ଅନନ୍ତ ସୟନମନ, ରଶ୍ମିତା ସେନାପତି ପ୍ରମୁଖ ଏହି ଅଦାଲତରେ ମାମଲାର ଫଇସଲା କରିଥିଲେ।

# ୪୫ ମାମଲା ଫଇସଲା

**ଦିଗପହଣ୍ଡି,୧୧।୨(ଡି.ଏନ.ଏ.)**

ଦିଗପହଣ୍ଡି ତାଲୁକ ଆଇନ ସେବା କମିଟି ପକ୍ଷରୁ ଶନିବାର କୋର୍ଟ ପରିସରରେ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷା ତଥା ମାଜିଷ୍ଟ୍ରେଟ ପ୍ରିୟଦର୍ଶିନୀ ତ୍ରିପାଠୀ ଏହାକୁ ପରିଚାଳନା କରିଥିଲେ। ଏଥିରେ ୪୨ ଫୌଜଦାରି, ୩ ଦେୱାନି ମାମଲାର ଫଇସଲା କରାଯିବା ସହ ପୋଡାମାରି ୟୁନିୟନ ବ୍ୟାଙ୍କ ପକ୍ଷରୁ ୧୨ ଋଣ ମାମଲାର ଫଇସଲା କରାଯାଇ ୬,୩୬,୦୦୦ ଟଙ୍କା ଆଦାୟ କରାଯାଇଥିଲା। ବିଚାର ବିଭାଗୀୟ କର୍ମଚାରୀ ଅଞ୍ଜଳି ମହାରଣା, ସସ୍ମିତା ମହାରଣା, ସତ୍ୟନାରାୟଣ ପାଢ଼ୀ, ସଂଗ୍ରାମ କେଶରୀ ପଣ୍ଡା, ଅଶ୍ୱିନୀ କୁମାର ପଟ୍ଟନାୟକ, ପି. ପୂର୍ଣ୍ଣଚନ୍ଦ୍ର ପାତ୍ର, କାଳିଆ ନାୟକ, ବିକ୍ରମ ପ୍ରଧାନ ପ୍ରମୁଖ ଲୋକ ଅଦାଲତ ପରିଚାଳନାରେ ସହଯୋଗ କରିଥିଲେ।

## ସତ୍ୟ ସନାତନ ପ୍ରଜା ସମିତିର ସମ୍ମିଳନୀ

# ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ହତ୍ୟା ଘଟଣାର ସିବିଆଇ ତଦନ୍ତ ହେଉ

**ଫୁଲବାଣୀ ଅଫିସ, ୧୧।୨**

କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ଜଲେଶପଟ୍ଟାରେ ସତ୍ୟ ସନାତନ ପ୍ରଜା ସମିତିର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ସ୍ଥାନରୁ ଦୁଇ ଶହରୁ ଅଧିକ ଶିକ୍ଷାବିତ୍ ଯୋଗଦେଇ ପ୍ରଥମେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାସ୍ଥଳରୁ ଆସିଥିବା ଅଖଣ୍ଡ ଜ୍ୟୋତିକୁ ସ୍ୱାଗତ କରିଥିଲେ । ସନାତନ ପ୍ରଜା ସମିତି ରାଜ୍ୟ ସଭାପତି ଇଂ. ଦେବାଶିଷ ହୋତା ଯୋଗ ଦେଇଥିଲେ । ୧୯୯୯ ଜାନୁୟାରୀ ୨୩ରେ ଖ୍ରୀଷ୍ଟିୟାନ ପାଦ୍ରୀ ଗ୍ରାହମ୍ ଷ୍ଟେନ୍ସଙ୍କୁ ହତ୍ୟା କରାଯାଇଥିଲା । ସେହି ଦିନଠାରୁ ଷଡ଼ଯନ୍ତ୍ରକାରୀ ହିସାବରେ ଦାରାସିଂ ୨୪ ବର୍ଷ ହେବ ଜେଲ୍‌ରେ ଅଛନ୍ତି । ୨୦୦୮ ଅଗଷ୍ଟ ୨୩ ଜନ୍ମାଷ୍ଟମୀ ଦିନ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ହତ୍ୟା କରାଯାଇଥିଲା । ହେଲେ ଏ ପର୍ଯ୍ୟନ୍ତ ଷଡ଼ଯନ୍ତ୍ରକାରୀଙ୍କୁ ଆଜି ଯାଏ ଗିରଫ କରା ଯାଇନାହିଁ । ଦେଶରେ ହିନ୍ଦୁ ଏବଂ ଅଲଗା ସମ୍ପ୍ରଦାୟ ପାଇଁ କ’ଣ ଅଲଗା ନିୟମ ଅଛି କି ବୋଲି ହୋତା ପ୍ରକାଶ କରିଛନ୍ତି । ଏଥିସହ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଘଟଣାର ସିବିଆଇ ତଦନ୍ତ କରାଯିବାକୁ ସେ ଦାବି କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଦିଲ୍ଲେଶ୍ୱରା ନନ୍ଦ ଯୋଗଦେଇ ପରମାତ୍ମାଙ୍କ ସାନିଧ ଲାଭ କରିବାର ପ୍ରକୃତ ମାର୍ଗ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ।



ସମ୍ମିଳନୀରେ ଉପସ୍ଥିତ ଅତିଥି ଓ ନେତୃବୃନ୍ଦ।

## ସଂକ୍ଷେପରେ

### ବୃତ୍ତି ପରୀକ୍ଷାରେ ଶିଶୁ ମନ୍ଦିର ଛାତ୍ରୀଛାତ୍ରଙ୍କ କୃତିତ୍ୱ

ଯାଜପୁର ରୋଡ୍,୧୧।୨(ଡି.ଏନ.ଏ.): ବ୍ୟାସନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ବିଭିନ୍ନ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ପଠାଣି ସାମନ୍ତ ଗଣିତ ମେଧା ପରୀକ୍ଷାରେ ୯ମ ଶ୍ରେଣୀ ଛାତ୍ର ଅନିକେତ ମହାନ୍ତି, ୬ଷ୍ଠ ଶ୍ରେଣୀର ଶ୍ରେୟସ କୁମାର ସାହୁ, ଶାସ୍ୱତି ସ୍ୱାଇଁ, ରୁଦ୍ରପ୍ରସାଦ ସାହୁ, ଆୟୁଷ ସାହୁ, ରାମଗୋପାଳ କାଣ୍ଡି ଓ ମହେଶ ବେହୁରା, ୫ମ ଶ୍ରେଣୀ ସରକାରୀ ବୃତ୍ତି ପରୀକ୍ଷାରେ ଅଭିଲିପ୍ସା ଦ୍ୱିବେଦୀ, ପୃଥ୍ୱୀରାଜ ରାଉତ, ଦତ୍ତାତ୍ରେୟ ଜେନା ଓ ଅବିନାଶ ଓଝା ଏବଂ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ତପସ୍ୱିନୀ ଦାସ, ଆଦ୍ୟାଶା ସ୍ୱାଇଁ, ଅଲକାନନ୍ଦା ସାହୁ, ଶୁଭଙ୍କର ପ୍ରଧାନ କୃତିତ୍ୱ ଅର୍ଜନ କରିଛନ୍ତି। ଏହି ସଫଳତା ପାଇଁ ସମସ୍ତ ଗୁରୁଜୀ, ଗୁରୁମା ଓ ପରିଚାଳନା ସମିତି ଖୁସି ବ୍ୟକ୍ତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

### ଟ୍ରକ୍-ବାଇକ ମୁହାଁମୁହିଁ ଧକ୍କା, ଜଣେ ମୃତ

ପାଟଣା,୧୧।୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ କେନ୍ଦେଇପଶି ରାସ୍ତା ମାଧପୁର ଛକ ନିକଟରେ ଶନିବାର ଏକ ଟ୍ରକ୍ ସହ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ କେନ୍ଦେଇପଶି ପଞ୍ଚାୟତ ଖୁଣ୍ଟାପଡ଼ା ଗ୍ରାମର ଜୀବନ ଜ୍ୟୋତି ମହାନ୍ତ(୨୨)। ଜ୍ୟୋତି ଯୋଗ କ୍ଲାସ କରିବାକୁ ପାଟଣା ଅଭିମୁଖେ ଯାଉଥିଲେ। ପାଟଣା ପାର୍ଶ୍ୱରୁ ଆସୁଥିବା ୧୨ ଚକିଆ ଟ୍ରକ ସହ ତାଙ୍କ ବାଇକ୍ ଧକ୍କା ହୋଇଥିଲା। ପାଟଣା ଅଗ୍ନିଶମ କର୍ମଚାରୀ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପାଟଣା ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ, ଏଏସ୍ଆଇ ଏନ ଲୁଗୁନ ପହଞ୍ଚି ଟ୍ରକ୍ ଓ ବାଇକ ଜବତ କରି ତଦନ୍ତ କରୁଛନ୍ତି। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଗାଡ଼ି ଧକ୍କାରେ ମହିଳାଙ୍କ ମୃତ୍ୟୁ

ଝାଁଳା,୧୧।୨(ଡି.ଏନ୍.ଏ.): ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ତଳଖେତା ଛକ ଜଟଣୀ ରାସ୍ତାରେ ଏକ ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତମାଣ୍ଡୋ ଥାନା ଅନ୍ତର୍ଗତ ସାହାଣୀ କାଶୀପୁର ଗ୍ରାମର ଅପରାଜିତା ଦାସ (୩୦)। ସୂଚନା ମୁତାବକ, ସାହାଣୀ କାଶୀପୁର ଗ୍ରାମର ସୁବ୍ରତ ଦାସ, ସ୍ତ୍ରୀ ଅପରାଜିତା ଓ ଝିଅ ଐଶ୍ୱରିୟା ଏକ ବିବାହ ଉତ୍ସବରେ ଯୋଗଦେବା ପାଇଁ ଜଟଣୀ ଅଞ୍ଚଳକୁ ଯାଇଥିଲେ। ଶୁକ୍ରବାର ରାତିରେ ସେମାନେ ବାଇକ୍‌ରେ ଘରକୁ ଫେରୁଥିଲେ। ତଳଖେତା ଛକ ଜଟଣୀ ରାସ୍ତାରେ ପଛରୁ ଏକ ଗାଡ଼ି ଆସି ହଠାତ୍ ସେମାନଙ୍କ ବାଇକ୍‌କୁ ଧକ୍କା ଦେଇ ପଳାଇଥିଲା। ଘଟଣାସ୍ଥଳରେ ସୁବ୍ରତ ଏବଂ ଐଶ୍ୱରିୟା ଆହତ ହୋଇଥିବା ବେଳେ ସ୍ତ୍ରୀ ଅପରାଜିତା ଗୁରୁତର ହୋଇପଡ଼ିଥିଲେ। ପରେ ସମସ୍ତ ଆହତଙ୍କୁ ୧୦୮ ଆମ୍ବୁଲାନ୍ସରେ କ୍ୟାପିଟାଲ ହସ୍ପିଟାଲ ପଠାଯାଇଥିଲା। ସେଠାରେ ଡାକ୍ତର ଅପରାଜିତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ସୁବ୍ରତ ଓ ତାଙ୍କ ଝିଅ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

# ‘ସାମାଜିକ ଗଣମାଧ୍ୟମରେ କ୍ଷୟ ହେଉଛି ସତ୍ୟ’

## ଜିଲା ଜଜ୍ ସମ୍ମିଳନୀ ଉଦ୍‌ଘାଟିତ

■ ମାମଲା ଫଇସଲାରେ ବଲାଙ୍ଗୀର, ନୟାଗଡ଼ ଓ ଦେବଗଡ଼ ଜିଲା ଶ୍ରେଷ୍ଠ

କଟକ ଅଫିସ,୧୧।୨:



ଜିଲା ଜଜ୍ ସମ୍ମିଳନୀରେ ଅତିଥିମାନେ ବାର୍ଷିକ ରିପୋର୍ଟ ଉନ୍ମୋଚନ କରୁଛନ୍ତି।

ଓଡ଼ିଶା ହାଇକୋର୍ଟ ପକ୍ଷରୁ ୨ ଦିନିଆ ଜିଲା ଜଜ୍ ସମ୍ମିଳନୀ କଟକସ୍ଥିତ ଓଡ଼ିଶା ଜୁଡିସିଆଲ ଏକାଡେମୀଠାରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ସୁପ୍ରିମକୋର୍ଟ ବିଚାରପତି ସଞ୍ଜୀବ ଖାନ୍ନା ଏହାକୁ ଉଦ୍‌ଘାଟନ କରି କହିଥିଲେ, ଭାରତୀୟ ସଂସ୍କୃତି ମୁକୁଟରେ ଓଡ଼ିଶା ହେଉଛି ଏକ ମଣି। ନିୟମ ଆଧାରରେ ଠିକ୍, ସ୍ୱଚ୍ଛ ନିଷ୍ପତ୍ତି ହିଁ ହେଉଛି ନ୍ୟାୟ। ନ୍ୟାୟ ପ୍ରଦାନବେଳେ ପରିସ୍ଥିତିକୁ ସମ୍ଭାଳିବାରେ ବିଚାରପତିମାନେ ସେତିକି ତତ୍ପର ହେବାକୁ ସେ ପରାମର୍ଶ ଦେଇଥିଲେ। ସାମାଜିକ ଗଣମାଧ୍ୟମ ଦ୍ୱାରା ସତ୍ୟ କିପରି କ୍ଷୟ ହେଉଛି ତାହା ଉପରେ ଆଲୋକପାତ କରିଥିଲେ। ନ୍ୟାୟ ପ୍ରଦାନବେଳେ ନିରପେକ୍ଷତା ପ୍ରତି ଯତ୍ନବାନ ହେବା ଉଚିତ ବୋଲି ବିଚାରପତି ଖାନ୍ନା କହିଥିଲେ।

ସେହିପରି ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର କହିଥିଲେ, ୯ ବର୍ଷର ବ୍ୟବଧାନ ପରେ ଜିଲା ଜଜ୍ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ନ୍ୟାୟିକ ଅଭିଜ୍ଞତା ଶିକ୍ଷା କରିବାରେ ଏହା ବହୁ ଭାବେ ଫଳପ୍ରଦ ହେବ। ଜିଲା ଜଜ୍‌ମାନଙ୍କ ପରାମର୍ଶ କ୍ରମେ ହାଇକୋର୍ଟ ମାମଲା ବୋଝ ହ୍ରାସ କରିବା ଦିଗରେ ପଦକ୍ଷେପ ନେଇ ଜିଲା କୋର୍ଟ ଜରିଆରେ ୫,୫୦,୩୯୨ ମାମଲା ସମାଧାନ କରାଇବାରେ ସକ୍ଷମ ହୋଇଛି। ୨୦୨୧ର ମାମଲା ଫଇସଲା ଅପେକ୍ଷା ୨୦୨୨ରେ ଫଇସଲା ହାର ୧୧୬.୦୨% ବୃଦ୍ଧି ପାଇଛି। ସେହିପରି ଜିଲା କୋର୍ଟରେ ୨୦୨୧ରେ ୭୨,୮୦୬ ମାମଲା ଫଇସଲା ହୋଇଥିବାବେଳେ ୨୦୨୨ରେ ୧,୬୧,୨୬୩ ମାମଲା ଫଇସଲା ହୋଇଛି। ମାମଲା ଫଇସଲା କ୍ଷେତ୍ରରେ ବଲାଙ୍ଗୀର, ନୟାଗଡ଼ ଓ ଦେବଗଡ଼ ଜିଲା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ଶ୍ରେଷ୍ଠତା ପ୍ରଦର୍ଶନ କରିଥିବା ମୁଖ୍ୟ ବିଚାରପତି ଘୋଷଣା କରିଥିଲେ। ୩ ଜିଲାର ଜିଲା ଜଜ୍ ଓ ମୁଖ୍ୟ ଜୁଡିସିଆଲ ମାଜିଷ୍ଟ୍ରେଟଙ୍କୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ବାର୍ଷିକ ବିବରଣୀ ଉନ୍ମୋଚିତ ହୋଇଛି। ଏଥିରେ ହାଇକୋର୍ଟ ଓ ଜିଲାକୋର୍ଟର ୨୦୨୨ ସମ୍ପର୍କିତ କାର୍ଯ୍ୟକାରିତା ଆଦିର ବିବରଣୀ ସ୍ଥାନ ପାଇଛି।

ଜିଲା ଜଜ୍ ସମ୍ମିଳନୀ କମିଟି ଅଧ୍ୟକ୍ଷ ତଥା ହାଇକୋର୍ଟ ବିଚାରପତି ଶୁଭାଶିଷ ତାଳପତ୍ର ସ୍ୱାଗତ ଭାଷଣ ଦେଇ କହିଥିଲେ, ବିଚାର ବିଭାଗୀୟ ଅଧିକାରୀମାନଙ୍କ ଅଭିଜ୍ଞତାକୁ ଉପଯୋଗ କରି ନ୍ୟାୟିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ସମ୍ମିଳନୀର ଉଦ୍ଦେଶ୍ୟ। ଜିଲା ଜଜ୍ ଓ ବିଚାର ବିଭାଗୀୟ ଅଧିକାରୀମାନେ ନ୍ୟାୟ ପ୍ରଦାନବେଳେ ସମୟ, ସମାନତା, ସ୍ୱଚ୍ଛତା ଓ ସ୍ୱାଧୀନ ନିଷ୍ପତ୍ତି ନେବା ଉପରେ ଦୃଷ୍ଟି ଦେବାକୁ ବିଚାରପତି ତାଳପତ୍ର କହିଥିଲେ। ରାଜ୍ୟର ୩୦ଟି ଜିଲାରୁ ଜିଲା ଜଜ୍, ବରିଷ୍ଠ ଅଧିକାରୀ, ରାଜ୍ୟ ଆଇନସେବା ପ୍ରାଧିକରଣର ଅଧିକାରୀ ଓ ଓଡ଼ିଶା ଜୁଡିସିଆଲ ଏକାଡେମୀର ଅଧିକାରୀମାନେ ଉପସ୍ଥିତ ଥିଲେ। ଆଡ୍‌ଭୋକେଟ ଜେନେରାଲ, ଡେପୁଟି ସଲିସିଟର ଜେନେରାଲ ଅଫ୍ ଇଣ୍ଡିଆ ଫର୍ ଓଡ଼ିଶା ହାଇକୋର୍ଟ ଏବଂ ହାଇକୋର୍ଟ ବାର୍ ଆସୋସିଏଶନ୍‌ର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ବିଚାରପତି ଶଶିକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।

# ପଞ୍ଚାୟତରେ ବିଜେଡି କରିବ ପ୍ରତିବାଦ ସଭା


ବୈଠକରେ ଯୋଗଦେଇଥିବା ବିଜେଡି କର୍ମୀ ଓ ନେତା।

ଚଣ୍ଡିଖୋଲ,୧୧।୨(ଡି.ଏନ୍.ଏ.):

କେନ୍ଦ୍ର ସରକାର ଦେଉଥିବା ଚାଉଳକୁ କାଟି ଦେଇଥିବା ପ୍ରତିବାଦରେ ଆସନ୍ତା ୧୫ତାରିଖରେ ପ୍ରତ୍ୟେକ ପଞ୍ଚାୟତରେ ବିଜୁ ଜନତା ଦଳ(ବିଜେଡି) ପ୍ରତିବାଦ ସଭା ଆୟୋଜନ କରିବ ଏବଂ ୧୬ରେ ରାଜ୍ୟବ୍ୟାପୀ ପ୍ରତିବାଦ କରାଯିବ ବୋଲି ଶନିବାର ଚଣ୍ଡିଖୋଲସ୍ଥିତ ଦଳ କାର୍ଯ୍ୟାଳୟଠାରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ସୂଚନା ଦେଇଛନ୍ତି। ସେ କର୍ମୀଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି, କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବାର ଆବଶ୍ୟକତା ରହିଛି। ଏନେଇ ବଡ଼ଚଣା ବିଜୁ ଜନତା ଦଳ ସଭାପତି ଅରବିନ୍ଦ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଜିଲା ପରିଷଦ ସଭ୍ୟ ଗଣେଶ୍ୱର ବରାଳ, ଯତୀନ୍ଦ୍ର ପ୍ରସାଦ ନାୟକ, ବିଜେଡି ସାଧାରଣ ସମ୍ପାଦକ ବିପିନ୍‌ବିହାରୀ ଜେନା, ଉପସଭାପତି ନିରଞ୍ଜନ ସେନାପତି, ସଂଖ୍ୟାଲଘୁ ନେତା ସେକ୍ ମୋଇନି ଅହମ୍ମଦ, ମିହିର କୁମାର ସ୍ୱାଇଁଙ୍କ ସମେତ ୪୩ ପଞ୍ଚାୟତର ଦଳୀୟ କର୍ମକର୍ତ୍ତା ଓ ଜନପ୍ରତିନିଧି ଯୋଗ ଦେଇଥିଲେ।

# ଚଣ୍ଡିଖୋଲରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଚଣ୍ଡିଖୋଲ,୧୧।୨(ଡି.ଏନ.ଏ.):

ଚଣ୍ଡିଖୋଲ କୋର୍ଟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୭୯ ମାମଲାର ଫଇସଲା କରାଯିବା ସହ ଜରିମାନା ବାବଦରେ ୨୬ ଲକ୍ଷ ୬୪ହଜାର ୧୬୩ ଟଙ୍କା ଆଦାୟ କରାଯାଇଛି। ଏହି ଲୋକ ଅଦାଲତରେ କୋର୍ଟର ସବ୍‌ଜଜ ସୌଭାଗ୍ୟ ରଞ୍ଜନ ସ୍ୱାଇଁ, ଜେଏମ୍ଏଫ୍‌ସି ପରବିନ ମଣ୍ଡଳ ଓ ଲକ୍ଷ୍ମୀପ୍ରିୟା ସ୍ୱାଇଁ ଯୋଗଦେଇ ମାମଲା ସମାଧାନ କରିଥିଲେ। କୋର୍ଟ ବାର୍ ଆସୋସିଏଶନ ସଭାପତି ଦେବରାଜ ବେହେରା, ସମ୍ପାଦକ ପ୍ରକାଶ ଚନ୍ଦ୍ର ଦାଶ, ଅଡ୍‌ଭୋକେଟ ଜନ ବେହେରା, ଶଶାଙ୍କ ଶତପଥୀ, ଶରତ ଚନ୍ଦ୍ର ବଳ, ଗୋଲକ ବିହାରୀ ମହାନ୍ତି, ରେଣୁବାଳା ମହାନ୍ତି, ଚିନ୍ମୟ ପ୍ରତାପ ଓ ବିରେନ କୁମାର ବିଶ୍ୱାଳ ପ୍ରମୁଖ ଆଇନଜୀବୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# କବିତା ସହ ମଣିଷ ଜୀବନ ଅଙ୍ଗାଙ୍ଗୀ ଭାବେ ଜଡ଼ିତ


କବିତା ଆସର ଉତ୍ସବରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

ଯାଜପୁର ଟାଉନ,୧୧।୨ (ଡି.ଏନ.ଏ.):

## କବିତା ଆସର ଉତ୍ସବ

ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଶନିବାର ଯାଜପୁର ମହୋତ୍ସବ-୨୦୨୩ ଓ ଗବେଷଣାତ୍ମକ ପୁସ୍ତକ ‘‘ଯଯାତି’’ ଉପଲକ୍ଷେ ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ କବିତା ଆସର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କବିତା ସହ ମଣିଷ ଜୀବନ ଅଙ୍ଗାଙ୍ଗୀ ଭାବେ ଜଡିତ। କବିତା ମିଳନ ଓ କଲ୍ୟାଣ ତଥା ଅର୍ନ୍ତଃଚିନ୍ତା ଚେତନାକୁ ପରିପ୍ରକାଶ କରି ସମାଜର ପରିବେଶକୁ କୁସୁମିତ କରିଥାଏ ବୋଲି ଏଥିରେ ଯୋଗ ଦେଇଥିବା ବିଶିଷ୍ଟ ଅତିଥି ଓ ବକ୍ତାମାନେ ନିଜ ବକ୍ତବ୍ୟରେ ପ୍ରକାଶ କରିଛନ୍ତି।

ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ଯୋଗଦେଇ ସମଗ୍ର ଯାଜପୁର ଜିଲାର ଐତିହ୍ୟ ଓ ସଂସ୍କୃତି ରାଜ୍ୟରେ ଅନନ୍ୟ। ଜିଲାର କଳା, ସାହିତ୍ୟ ଓ ସଂସ୍କୃତିକୁ ଉଜ୍ଜିବିତ କରି ରଖିବାକୁ ହେଲେ ଏହିପରି ମହୋତ୍ସବ ସମୟରେ ସାହିତ୍ୟ ଆଲୋଚନା, କବିତା ପାଠୋତ୍ସବର ବହୁଳ ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ବିଶିଷ୍ଟ କବି ତୁହିନାଂଶୁ ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କବିତା ଆସରରେ ମୁଖ୍ୟଅତିଥି ଭାବେ ଅତରିକ୍ତ ଆୟୁକ୍ତ, ଭୂଲେଖ ଓ ବନ୍ଦୋବସ୍ତ, କଟକ ଅକ୍ଷୟ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଅତିରିକ୍ତ ଜିଲାପାଳ ଦୁଖବନ୍ଧୁ ନାୟକ, ଯାଜପୁର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ ବେଉରିଆ, ଉପଜିଲାପାଳ ଗୋପୀନାଥ କୁଅଁର, ଜିଲା ସଂସ୍କୃତି ଅଧିକାରୀ ଦୁର୍ଯ୍ୟୋଧନ ମଲ୍ଲିକ ଓ ମୁଖ୍ୟବକ୍ତା ଭାବେ ସୁବ୍ରତ ଦାସ ମଞ୍ଚାସୀନ ହୋଇଥିଲେ। ଅଧ୍ୟାପକ ଦାମୋଦର ବେହେରା କବିତା ଆସର ସଂଯୋଜନା କରିଥିବାବେଳେ କବିତା ସଂଯୋଜନା କବି ପଦ୍ମଜା ଶରଣ ଏବଂ କବି ପ୍ରଣୟ ସୁଧା ସମ୍ପାଦନ କରିଥିଲେ। ଜିଲା ସଂସ୍କୃତି ପରିଷଦ ତରଫରୁ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ସଂସ୍କୃତି ପରିଷଦ ସଦସ୍ୟ ବିରଜା ବଳ, ଡ. ବିକ୍ରମ ମହାପାତ୍ର, ଶୁବେନ୍ଦୁ ଭୂୟାଁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରା, ପ୍ରାକ୍ତନ ପୌରାଧ୍ୟକ୍ଷ ଭବ ପ୍ରସାଦ ଦାସ ପ୍ରମୁଖ ଯୋଗ ଦେଇଥିବା ବେଳେ କବି ଡ. ଜ୍ଞାନ ରଞ୍ଜନ ପତି ଉଦ୍‌ଘାଟନୀ ଦିପମ୍ ଜ୍ୟୋତି ବନ୍ଦନା ଗାନ କରିଥିଲେ। ପ୍ରାରମ୍ଭରେ ବିଶିଷ୍ଟ କବି ଏକାଦଶୀ ପାଢ଼ୀ ଏବଂ ହୁସେନ୍‌ରବି ଗାନ୍ଧୀଙ୍କ ବିୟୋଗରେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।

## ୨ ମାସର ଖାଉଟି ସାମଗ୍ରୀ ମିଳିନାହିଁ: ଚିନ୍ତାରେ ହିତାଧିକାରୀ

କୁଜଙ୍ଗ,୧୧।୨(ଡି.ଏନ୍.ଏ.):

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କୁଜଙ୍ଗ ବ୍ଲକର ହିତାଧିକାରୀମାନଙ୍କ ଚିନ୍ତା ବଢ଼ିଯାଇଛି। ଏପର୍ଯ୍ୟନ୍ତ ୨ ମାସର ଗହମ ମିଳି ନ ଥିବାରୁ କିପରି ପେଟପୋଷଣ କରିବେ ସେନେଇ ଆଶଙ୍କାରେ ରହିଛନ୍ତି। ଏପର୍ଯ୍ୟନ୍ତ ସେମାନଙ୍କୁ ୨୦୨୨ ଡିସେମ୍ବରର ଗହମ ମିଳି ନ ଥିବା ବେଳେ, ୨୦୨୩ ଜାନୁୟାରୀର ମଧ୍ୟ ଖାଉଟି ସାମଗ୍ରୀ ସେମାନଙ୍କ ପାଖରେ ପହଞ୍ଚିପାରିନାହିଁ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କୁଜଙ୍ଗ ବ୍ଲକ ଯୋଗାଣ ଅଧିକାରୀଙ୍କ ମୋବାଇଲ ସୁଇଚ୍ ଅଫ୍ ରହିଥିବାରୁ ତାଙ୍କ ସହ ଯୋଗାଯୋଗ ହୋଇପାରୁନାହିଁ । ଏ ସମ୍ପର୍କରେ ଯୋଗାଣ ବିଭାଗର ଜଣେ ଅସ୍ଥାୟୀ କର୍ମଚାରୀ କୁହନ୍ତି, ଆଉ ପ୍ରାୟ ଏକ ସପ୍ତାହ ପରେ ଜାନୁୟାରୀର ଖାଦ୍ୟ ସାମଗ୍ରୀ ମିଳିବ । ଅନ୍ୟପଟେ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କୁ ପଚାରିବାରେ, ଦ୍ୱିତୀୟ ଶନିବାର ଛୁଟିଦିବସ ଥିବାରୁ ସେ କିଛି କହିପାରିବେ ନାହିଁ ବୋଲି ଉତ୍ତର ରଖିଛନ୍ତି । ଅପରପକ୍ଷେ ଅସ୍ଥାୟୀ କର୍ମଚାରୀ ଜଣକ କହିଛନ୍ତି, ଏଣିକି ଗୋଟିଏ ମାସର ଖାଉଟି ସାମଗ୍ରୀ ତା'ର ପରବର୍ତ୍ତୀ ମାସରେ ମିଳିବ। ଏ ସମ୍ପର୍କରେ ମାଟି ସୁରକ୍ଷା ମଞ୍ଚର ସଂଯୋଜକ ହୃଷୀକେଶ ନାଥ ପ୍ରଶ୍ନ କରିଛନ୍ତି, କ'ଣ ଜଣେ ମଣିଷ ଗୋଟିଏ ମାସ ଖାଇବ ଆଉ ଗୋଟିଏ ମାସ ଉପବାସ ରହିବ । ତେଣୁ ବ୍ଲକ ପ୍ରଶାସନ ଖାଦ୍ୟ ସାମଗ୍ରୀ ନ ମିଳିବାର କାରଣ ସ୍ପଷ୍ଟ କରିବା ସହ ତୁରନ୍ତ ଏହି ସାମଗ୍ରୀ ଯୋଗାଇଦେବାକୁ ଉପଭୋକ୍ତାମାନେ ଦାବି କରିଛନ୍ତି ।

# ‘ଦାରୁଣ ଅନୁଭୂତି’ର ଲୋକାର୍ପଣ



ଅତିଥି ପୁସ୍ତକ ‘ଦାରୁଣ ଅନୁଭୂତି’କୁ ଉନ୍ମୋଚନ କରୁଛନ୍ତି।

ଚଣ୍ଡିଖୋଲ,୧୧।୨(ଡି.ଏନ୍.ଏ.):

୨ ବର୍ଷ ଧରି କରୋନା ମହାମାରୀ ଜୀବନ ଧାରାକୁ ପରିବର୍ତ୍ତନ କରିଛି। ଅତୁଟ ବନ୍ଧନ ମଧ୍ୟରେ ଫାଟ ସୃଷ୍ଟି କରିଛି। ଏପରି କି ସମାଜର ପ୍ରତ୍ୟେକ ବ୍ୟକ୍ତି ଆତ୍ମ ସମୀକ୍ଷା କରିଛନ୍ତି। ଗର୍ବ ଅହଂକାରକୁ ନିପାତ କରିବା ସହ ପରସ୍ପର ମଧ୍ୟରେ ରହିଥିବା ସମ୍ପର୍କକୁ ଦୂରେଇ ଦେଇଛି। ସମସ୍ତ ବର୍ଗର ଲୋକଙ୍କୁ ଏହା ଏକ ଶିକ୍ଷା ଦେଇଛି ବୋଲି କରୋନାରୁ ସଂଗଠିତ ଘଟଣାବଳୀକୁ ନେଇ ପ୍ରାମାଣିକ ପୁସ୍ତକ ‘ଦାରୁଣ ଅନୁଭୂତି’ର ଲୋକର୍ପଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ ଡ. ବସନ୍ତ କିଶୋର ସାହୁ ଏକଥା କହିଛନ୍ତି। ରବୀନ୍ଦ୍ର ନାଥ ସାହୁ ସ୍ମୃତି ସଂସଦ ତରଫରୁ ଶନିବାର ପତରାଜପୁରସ୍ଥିତ ଓଡ଼ିଶା ଷ୍ଟେଟବ୍ରିଗେଡ଼ ସ୍କୁଲ ପରିସରରେ କବି ସତ୍ୟବ୍ରତ ପୁହାଣଙ୍କ ଅଧ୍ୟକ୍ଷତାରେ ଏହି ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଯତିନ୍ଦ୍ର ରାଉତ, ବିଶିଷ୍ଟ ଅତିଥି ଭାବେ ସାହିତ୍ୟିକ ଡ. ନାରାୟଣ ମୁଦୁଲି, ସମ୍ମାନିତ ଅତିଥିଭାବେ କବି ପ୍ରଦୀପ୍ତ କୁମାର ସାମଲ, ଲବଙ୍ଗଲତା ରାଉତ, ହିମାଂଶୁ ଭୂଷଣ ଜେନା ଓ ଆଡଭୋକେଟ୍ ପ୍ରଦୀପ୍ତ କୁମାର ଦାସ ପ୍ରମୁଖ ଯୋଗଦେଇ କବିତା ପାଠ କରିବା ସହ କରୋନା କାଳର ଅନୁଭୂତି ବଖାଣି ଥିଲେ। ଅତିଥି ପରିଚୟ ପ୍ରକାଶ ସାମଲ ପ୍ରଦାନ କରିଥିବାବେଳେ ସ୍ୱାଗତ ଭାଷଣ ଦେଇଥିଲେ ଏକାଦଶୀ ସେଠୀ। ରମେଶ ଚନ୍ଦ୍ର ପୃଷ୍ଟି ଧନ୍ୟବାଦ ଦେଇଥିଲେ। ରଣଜିତ୍ ସାହୁଙ୍କ ସଂଯୋଜନାରେ ପୁସ୍ତକ ଦାରୁଣ ଅନୁଭୂତିକୁ ଅତିଥି ଉନ୍ମୋଚନ କରିଥିଲେ। ଏହି ଅବସରରେ ମାଗଣା ଦାନ୍ତ ଓ ମୋତିଆବିନ୍ଦୁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଥିଲା। ଶତାଧିକ ବ୍ୟକ୍ତି ବିଦ୍ୟାଳୟ ପରିସରରେ ପହଞ୍ଚି ଡାକ୍ତରଙ୍କୁ ସେମାନଙ୍କ ଦାନ୍ତ ଦେଖାଇବା ସହ ମୋତିଆ ବିନ୍ଦୁ ଚିହ୍ନଟ କରିଥିଲେ। ସ୍ମୃତି ସଂସଦ ତରଫରୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡାକ୍ତର, ସାହିତ୍ୟିକ, କବି, ଖବରଦାତା ଓ ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଶାନ୍ତିଲତାଙ୍କ ପାଇଁ ସରକାରୀ ଯୋଜନା ସାତସପନ

## ଭତ୍ତା କି ଆବାସ ନାହିଁ, ପଲିଥିନ ତଳେ କଟୁଛି ଜୀବନ

ବିଞ୍ଝାରପୁର,୧୧।୨(ଡି.ଏନ.ଏ.):

ବିଞ୍ଝାରପୁର ବ୍ଲକ ବାଛୋଳ ପଞ୍ଚାୟତ ବାମଦେବପୁର ଗ୍ରାମର ସ୍ୱାମୀ ପରିତ୍ୟକ୍ତା ଶାନ୍ତିଲତା ଦାଶଙ୍କ ପାଇଁ ସରକାରୀ ଯୋଜନା ସାତ ସପନ ପାଲଟିଛି। ଶାନ୍ତିଲତା ପୁଅବୋହୂ, ନାତିନାତୁଣୀଙ୍କୁ ନେଇ ବାପଘରେ ରହୁଛନ୍ତି। ଜମିବାଡ଼ି କହିଲେ କେବଳ ଘରଡିହ ଗୁଣ୍ଠେ। ପୁଅ ପରଘରେ କାମକଲେ ପରିବାର ଚଳେ। କୌଣସି କାରଣରୁ ଶାନ୍ତିଲତା ୩୦ ବର୍ଷ ପୂର୍ବେ ସ୍ୱାମୀଙ୍କଠାରୁ ସମ୍ପର୍କ ତୁଟାଇ ଏକମାତ୍ର ପୁଅ ଗୁରୁଚରଣଙ୍କୁ ନେଇ ବାପ ଘରକୁ ଚାଲିଆସିଥିଲେ। ତାଙ୍କର କୌଣସି ଭାଇ ନ ଥିଲେ। ବାପାମା'ଙ୍କ ମୃତ୍ୟୁପରେ ଶାନ୍ତିଲତା ନିଜ ପରିବାର ନେଇ ରହୁଛନ୍ତି। ପୂର୍ବରୁ ତାଙ୍କ ପରିବାର ଅନ୍ତ୍ୟୋଦୟ ଯୋଜନାରେ ୩୫ କିଲୋ ଚାଉଳ ପାଉଥିଲେ। ଏବେ ତାଙ୍କ ପୁଅବୋହୂ, ୨ ନାତି ଓ ଜଣେ ନାତୁଣୀଙ୍କ ସମେତ ମୋଟ ୬ ପରିବାର। ୬ ଜଣଙ୍କ


ଘର ଆଗରେ ପୁଅଙ୍କ ସହ ଶାନ୍ତିଲତା।

ବଦଳରେ ତିନି ଜଣଙ୍କୁ ଖାଦ୍ୟସୁରକ୍ଷା ଯୋଜନାରେ ୫ କିଲୋ ଲେଖାଏ ଚାଉଳ ମିଳୁଛି। ଘର କହିଲେ ୨ ବଖରା ନୂଆଣିଆ ଭଙ୍ଗା ଆଜବେଷ୍ଟସ ଛପର। ସେଥିରୁ ଅଧା ପଲିଥିନ ଢଙ୍କା। ମାଟିକାନ୍ଥ ଝଡ଼ି ଗଲାଣି। ମୁକୁଳା କାନ୍ଥରେ ବର୍ଷ ବର୍ଷଧରି ପଲିଥିନ ଘେରାଯାଇଛି। ଘରଟିଏ ପାଇଁ ୧୨ବର୍ଷ ହେଲା ସରପଞ୍ଚ ଓ ଅନ୍ୟମାନଙ୍କୁ କେତେଯେ ନେହୁରା ହୋଇଛନ୍ତି ଶାନ୍ତିଲତା ଓ ପୁଅ ଗୁରୁଚରଣ ତା'ର ହିସାବ ନାହିଁ। ମାତ୍ର କିଏ ହାତଗୁଞ୍ଜା ୨୦ ହଜାର ତ ଅନ୍ୟ କିଏ ୨୫/୩୦ ହଜାର ଟଙ୍କା ମାଗୁଛନ୍ତି। ତେବେ ଦୁଇ ଓଳି ଦୁଇ ମୁଠା ପେଟପୁରା ଖାଇବାକୁ ପାଉ ନ ଥିବା ଶାନ୍ତିଲତା ଏତେ ଗୁଡ଼ାଏ ଟଙ୍କା କେଉଁଠୁ ଆଣିବେ ଭାବିଲା ବେଳକୁ ମୁଣ୍ଡ ଘୁରି ଯାଉଛି। ଶାନ୍ତିଲତାଙ୍କ ବୟସ ୬୪ ହେଲାଣି। ବାର୍ଦ୍ଧକ୍ୟ ଭତ୍ତା ପାଇଁ ପଞ୍ଚାୟତରୁ ବ୍ଲକ କାର୍ଯ୍ୟାଳୟ ଧାଇଁଧାଇଁ ନୟାନ୍ତ ହୋଇଥିଲେ ମଧ୍ୟ ଭତ୍ତା ମିଳିବାର ନାଁ ଗନ୍ଧ ନାହିଁ। ତେଣୁ ପ୍ରଶାସନ ଶାନ୍ତିଲତାଙ୍କୁ ପକ୍କାଘର ଓ ବାର୍ଦ୍ଧକ୍ୟ ଭତ୍ତା ଯୋଗାଇଦେଲେ ତାଙ୍କ ସ୍ୱପ୍ନ ସାକାର ହୁଅନ୍ତା ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ବ୍ଲକ୍ ପ୍ରଶାସନର ପ୍ରତିକ୍ରିୟା ମିଳି ପାରିନାହିଁ।

# ଯାଜପୁର ଜିଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଯାଜପୁର ଟାଉନ,୧୧।୨(ଡି.ଏନ.ଏ.):

ଯାଜପୁର ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅତିରିକ୍ତ ଜିଲା ଓ ଦୌରାଜଜ୍ ସୁନିଲ କୁମାର ଦାସ ଉଦ୍‌ଘାଟନ କରିଥିଲେ। ଜିଲା ଆଇନସେବା ପ୍ରାଧିକରଣର କାର୍ଯ୍ୟକାରୀ ସମ୍ପାଦିକ ଜ୍ୟୋର୍ତିମୟୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଲୋକ ଅଦାଲତରେ ମୋଟ୍ ୧୫୮୪ ମକୋଦ୍ଦମାର ଫଏସଲା ହୋଇଛି। ସେଥିମଧ୍ୟରୁ ୨୫୩ ଫୌଜଦାରି, ୩୫ ମୋଟର ଦୁର୍ଘଟଣା ଜନିତ, ୧୦୮ ଦେୱାନି ଓ ୧୪ ପାରିବାରିକ କଳହ ମକୋଦ୍ଦମା ରହିଛି। ଏବାଦରେ ମୋଟ୍ ୩କୋଟି ୨୭ ଲକ୍ଷ ୩୭ହଜାର ୯୩୪ ଟଙ୍କା ଜରିମାନା ଆଦାୟ କରାଯାଇଛି। ୧୧୨୯ ରାଜସ୍ୱ ମାମଲା ଫଏସଲା କରାଯାଇ ୪୯ ହଜାର ୫୨୬ ଟଙ୍କା ଜରିମାନା ଆଦାୟ କରାଯାଇଛି। ରାଜସ୍ୱ ଆଦାୟ ୧୬ଲକ୍ଷ ୫୫ ହଜାର ୫୯୨ ଟଙ୍କା କରାଯାଇଛି। ଶ୍ରମ ବିଭାଗର ୩ ବିବାଦର ଫଏସଲା କରାଯାଇ ୧ଲକ୍ଷ ୮୭ ହଜାର ୧୮୬ ଟଙ୍କା ଆଦାୟ କରାଯାଇଛି। ସେହିପରି ୨ ଖାଉଟି ବିବାଦର ଫଏସଲା କରାଯାଇ ୮୭୮ ହଜାର ଟଙ୍କା ଆଦାୟ କରାଯାଇଛି। ଏତଦ୍‌ବ୍ୟତୀତ ଏହି ଲୋକଅଦାଲତରେ ମୋଟ୍ ୧୦୯ ବ୍ୟାଙ୍କ ମାମଲା ଫଏସଲା କରାଯାଇ ମୋଟ୍ ୪୫ ଲକ୍ଷ ୯ହଜାର ୩୮୨ ଟଙ୍କା ଆଦାୟ କରାଯାଇଛି। ଏହି ଅଦାଲତରେ ପରିବାର ଅଦାଲତର ବିଚାରପତି ମମିତା ଦାସ, ରେଜିଷ୍ଟ୍ରାର ନରୋତ୍ତମ ସେଠୀ, ବରିଷ୍ଠ ଦେୱାନି ବିଚାରପତି ପ୍ରସନ୍ନ ବେହେରା, ବରିଷ୍ଠ ଦେୱାନୀ (ଏଲ୍ଆର ଏବଂ ଏଲ୍‌ଟିଭି) ବିଚାରପତି ଦୁର୍ବାସା ଦୁର୍ଗା, ଅତିରିକ୍ତ ବରିଷ୍ଠ ଦେୱାନି ବିଚାରପତି ମନସ୍ୱିନୀ ରଥ , ଏସଡିଜେଏମ୍ ବିଶ୍ୱକଲ୍ୟାଣୀ ମିଶ୍ର, ଦେୱାନୀ ବିଚାରପତି ଇପ୍‌ସିତା ନନ୍ଦ ଓ ଜେଏମ୍ଏଫ୍ଏସ୍ ମଧୁସ୍ମିତା ନାୟକ ଅଂଶଗ୍ରହଣ କରିଥିଲେ।


ବିଚାରପତି ମକଦ୍ଦମା ଫଇସଲା କରୁଛନ୍ତି।

## ସଂକ୍ଷେପରେ

### ଗାଧୁଆଘରେ ପଡି ବ୍ୟବସାୟୀ ମୃତ

**ରାଜନଗର,୧୧।୨(ଡି.ଏନ.ଏ.):** ରାଜନଗର ଥାନା ସାନବଡଗୋପାଳପୁର ପଞ୍ଚାୟତ ବଡ଼ ଗୋପାଳପୁର ଗ୍ରାମର ଗ୍ୟାରେଜ ବ୍ୟବସାୟୀ ବାବାଜୀ ନାୟକ (୫୫)ଙ୍କର ପରଲୋକ ଘଟିଛି। ଶନିବାର ସକାଳେ ସେ ଗାଧୋଇବା ପାଇଁ ଗାଧୁଆ ଘରକୁ ଯାଇଥିଲେ । ହେଲେ ଅସାବଧାନତା ଯୋଗୁ ତାଙ୍କ ଗୋଡ଼ ଖସିଯାଇଥିଲା । ଚଟାଣରେ ତାଙ୍କ ମୁଣ୍ଡ ପଛପଟ ମାଡ ହେବାରୁ ସେଠାରେ ସେ ସଂଜ୍ଞାହୀନ ହୋଇ ପଡିଥିଲେ। ପରିବାର ଲୋକେ ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପାଇ ବୀଣାପାଣି ବଜାର କମିଟି ପକ୍ଷରୁ ତାଙ୍କୁ ସମ୍ମାନ ଜଣାଇ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା।

### ଲୋକ ଅଦାଲତ, ୨୬୪୦ ମାମଲାର ଫଇସଲା

**କେନ୍ଦ୍ରାପଡ଼ା ଅଫିସ, ୧୧।୨:** କେନ୍ଦ୍ରାପଡ଼ା ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲାର ଆଳି, ରାଜନଗର, ପଟ୍ଟାମୁଣ୍ଡାଇ ଓ କେନ୍ଦ୍ରାପଡ଼ା କୋର୍ଟ ପରିସରରେ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୋଟ ୨୬୪୦ଟି ମାମଲାର ଫଇସଲା ହୋଇ ୧,୧୯,୮୦,୫୧୩ ଟଙ୍କା ଜରିମାନା ଆଦାୟ ପାଇଁ ରାୟ ପ୍ରକାଶ ପାଇଛି । ଏହାବ୍ୟତୀତ ରାଷ୍ଟ୍ରୀୟ ବ୍ୟାଙ୍କ ଦ୍ୱାରା ୬୭,୫୩,୯୫୩ ଟଙ୍କା ଋଣ ଅର୍ଥ ଆଦାୟ ହୋଇଥିଲା । ସେହିପରି ୩୦ଟି ବୈବାହିକ ମାମଲା ମଧ୍ୟରୁ ୧୨ଟିରେ ଫଇସଲ ହୋଇଛି । ୨୨୯୯ଟି ଦେୱାନୀ ମାମଲା, ୨୩୬ଟି ଫୌଜଦାରୀ, ୧୩ଟି ଦୁର୍ଘଟଣାଜନିତ ମାମଲାର ଫଇସଲା ହୋଇଥିଲା । ଏହାକୁ ପରିବାର ଅଦାଲତ ଜଜ୍ ବିକାଶ ଚନ୍ଦ୍ର ଦେ, ଏଡିଜେ ଅଜୟ କୁମାର ପ୍ରଧାନ, ଏଡିଜେ ପ୍ରଣତି ପଟ୍ଟନାୟକ, ସିଜେଏମ ପୂଜା ଷଡ଼ଙ୍ଗୀ, ଡିଏଲଏ ସୁମିତ୍ରା ସାହୁ ପ୍ରମୁଖ ବିଚାର କରିଥିଲେ ।

### ଭାଜପା ପକ୍ଷରୁ ବିଧାନସଭା ସଞ୍ଚାଳନ ସମିତି ବୈଠକ

**ରାଜନଗର,୧୧।୨(ଡି.ଏନ.ଏ.):** ରାଜନଗର ବ୍ଲକ ସାନବଡ଼ଗୋପାଳପୁରସ୍ଥିତ ନିଳାଦ୍ରୀ ବିହାରୀ ମଣ୍ଡପରେ ଭାଜପା ଲୋକସଭା ପ୍ରବାସ ଯୋଜନାର ବିଧାନସଭା ସଞ୍ଚାଳନ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଭାରୀ ସୁନାକର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଲୋକସଭା ପ୍ରବାସ ଯୋଜନାର ରାଜ୍ୟ ସହ ସଂଯୋଜକ ବିଷ୍ଣୁ ଦାସ, କେନ୍ଦ୍ରାପଡା ଲୋକସଭା ସଂଯୋଜକ ସୁନାକର ପ୍ରଧାନ, ଶ୍ରୀଧର ପ୍ରଧାନ, ରାଜ କିଶୋର ସାହୁ, ଜୋନ ସଭାପତି ତପନ ମଣ୍ଡଳ, ଜିଲ୍ଲା ସମ୍ପାଦକ ପ୍ରଦୀପ ଦାସ, ରବିନ୍ଦ୍ର ବିଶ୍ୱାଳ, ପ୍ରମୋଦ ଦାସ, ଯୁବମୋର୍ଚ୍ଚା ଜିଲା ସମ୍ପାଦକ କ୍ରୀଷ୍ଣା ବେହେରା, ଧିରେନ ପାତ୍ର, ଜିଲା ଏସସି ମୋର୍ଚ୍ଚା ସଭାପତି ଅନ୍ତର୍ଯ୍ୟାମୀ ମଳିକ, ନୀଳକଣ୍ଠ ମିଶ୍ର, ବର୍ଷାରାଣୀ ମଳିକ, ସ୍ୱର୍ଣ୍ଣପ୍ରଭା ସ୍ୱାଇଁ ପ୍ରମୁଖ ଯୋଗଦେଇ ଆଗାମୀ ୨୦୨୪ ଲୋକସଭା ସମ୍ପର୍କରେ ଦଳର ସାଙ୍ଗଠନିକ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା।

# ହେନ୍ତାଳବନ ବୃଦ୍ଧି, ସୁରକ୍ଷାକୁ ନେଇ ଚିନ୍ତା

- ବଜେଟରେ ମିଷ୍ଟି ଯୋଜନାକୁ ନେଇ ପ୍ରଶ୍ନବାଚୀ
- ଗଛଟିଏ ବଞ୍ଚାଇବାକୁ ଅନ୍ୟୂନ ୩ ବର୍ଷ ଲାଗିଥାଏ
- ତଟକ୍ଷୟ, ପ୍ରଦୂଷଣ ପାଇଁ ନଷ୍ଟ ହେଉଛି ସମୁଦ୍ର ପ୍ରାଚୀର

**କେନ୍ଦ୍ରାପଡା ଅଫିସ,୧୧।୨**


ଭିତରକନିକାର ହେନ୍ତାଳବନ।

କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀତାରମଣ ଚଳିତବର୍ଷର ବଜେଟ ଗତ ୧ ତାରିଖରେ ସଂସଦରେ ଉପସ୍ଥାପନ କରିଛନ୍ତି । ଏହି ବଜେଟରେ ସମୁଦ୍ର ତଟାଞ୍ଚଳରେ ଦେଖା ଯାଉଥିବା ହେନ୍ତାଳ ବନର ପରିବେଶ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଉପକାରିତା ବର୍ଣ୍ଣନା କରିବା ସହ ଏହାର ସୁରକ୍ଷା ପାଇଁ ମିଷ୍ଟି (ମ୍ୟାନଗ୍ରୁଭ ଇନିସିଏଟିଭ ଫର ସୋରଲାଇନ ହାବିଟାଟସ ଆଣ୍ଡ ଟାଙ୍ଗିବ୍ଲ ଇନକମସ) ଯୋଜନା ଆରମ୍ଭ କରାଯାଇଥିବା ଘୋଷଣା କରିଛନ୍ତି। ତେବେ ଏହି ଯୋଜନା ବାବଦ ବ୍ୟୟ ଅର୍ଥ ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପର୍ଯ୍ୟାପ୍ତ ଅର୍ଥ ନ ମିଳିଲେ କେନ୍ଦ୍ରାପଡ଼ା ଜିଲାର ସାମୁଦ୍ରିକ ପ୍ରାଚୀର ନଷ୍ଟ ହୋଇ ପ୍ରାକୃତିକ ବିପର୍ଯ୍ୟୟରେ ଅଧିକ କ୍ଷତି କରିବ ବୋଲି ରିସର୍ଚ୍ଚର ଓ ପରିବେଶବିତ୍‌ମାନେ ମତବ୍ୟକ୍ତ କରିଛନ୍ତି ।

ଏସମ୍ପର୍କରେ ହେନ୍ତାଳ ବନ ସମ୍ପର୍କରେ ଅନୁଧ୍ୟାନ କରୁଥିବା ଅଧ୍ୟାପକ କ୍ଷିତିଶ କୁମାର ସିଂହ, ଅଧ୍ୟାପକ ଦେବୀ ପ୍ରସାଦ ସାହୁ, ଅଧ୍ୟାପକ ଶରତ କୁମାର ସାହୁ, ପରିବେଶବିତ୍ ହେମନ୍ତ କୁମାର ରାଉତ, ପରିବେଶବିତ୍ ଅଶୋକ କୁମାର ସ୍ୱାଇଁ ପ୍ରମୁଖ କହିଛନ୍ତି, କେନ୍ଦ୍ର ସରକାରଙ୍କ ଏହି ବଜେଟ ଜାତୀୟ ଉଦ୍ୟାନ ଭିତରକନିକାର ହେନ୍ତାଳବନ ସୁରକ୍ଷା ଦିଗରେ କୁପ୍ରଭାବ ପକାଇବ । ୬୭୨ ବର୍ଗ କିଲୋମିଟରର ଏହି ଆଦ୍ରଭୂମିରେ ୨୦୧୯ ମସିହା ସୁଦ୍ଧା ୨୦୯.୨୫ ବର୍ଗ କିଲୋମିଟରର ହେନ୍ତାଳ ବଣ ଅଛି । ଏହି ବନ କେନ୍ଦ୍ରାପଡ଼ା ଜିଲା ପାଇଁ ସାମୁଦ୍ରିକ ପ୍ରାଚୀର ହୋଇଥିବା ବେଳେ ବନ୍ୟ ଜୀବ, ସାମୁଦ୍ରିକ ପ୍ରାଣୀ ପାଇଁ ଅଭୟାରଣ୍ୟ ପାଲଟିଛି । ହେନ୍ତାଳବନ ଜୈବ ବିବିଧତାରେ ପରିପୂର୍ଣ୍ଣ ସହ ବାତ୍ୟା, ବନ୍ୟା, ସୁନାମୀ ପରି ପ୍ରାକୃତିକ ବିପର୍ଯ୍ୟୟ କ୍ଷତିକୁ ରୋକୁଛି । ସମ୍ପ୍ରତି ମଧୁର ଜଳର ଅଭାବ, ତଟକ୍ଷୟ ଓ ବିବିଧ ପ୍ରଦୂଷଣର ଶୀକାର ହୋଇଛି । ଏହାସହିତ କାର୍ବନ ଡାଇଅକସାଇଡ ରୋକିବାରେ ମୁଖ୍ୟ ଭୂମିକା ନେଇଛି । ଗତ ୬ ତାରିଖରେ ହେନ୍ତାଳବନ ସୁରକ୍ଷା ସମ୍ପର୍କରେ ପ୍ରଶ୍ନର ଉତ୍ତରରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ କହିଛନ୍ତି ଯେ, ନ୍ୟାଶନାଲ କୋଷ୍ଟାଲ ମିଶନରେ ଏନେଇ ବଜେଟ ପ୍ରସ୍ତୁତ ହେବା ସହ ନୂତନ ଭାବେ ମିଷ୍ଟି ଯୋଜନା ଆରମ୍ଭ ହୋଇଛି । ତେବେ ନ୍ୟାଶନାଲ କୋଷ୍ଟାଲ ମିଶନ ବଜେଟ ହ୍ରାସ ସହିତ ମିଷ୍ଟି ଯୋଜନା ପାଇଁ କୌଣସି ସ୍ୱତନ୍ତ୍ର ଅର୍ଥ ବରାଦ ହୋଇନାହିଁ । ମିଷ୍ଟି ଯୋଜନାକୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନଆରଇଜିଏସ) ଓ କମ୍ପାନସୋଟୋରି ଆଫରେଷ୍ଟଶନ ଫଣ୍ଡ ମ୍ୟାନେଜମେଣ୍ଟ ଆଣ୍ଡ ପ୍ଲାନିଂ ଅଥରିଟି (କାମ୍ପା) ଅର୍ଥରେ ପରିଚାଳିତ ହେବ । ନ୍ୟାଶନାଲ କୋଷ୍ଟାଲ ମିଶନ ପାଇଁ ଗତ ୨୦୨୧- ୨୨ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ୨୭ କୋଟି ଟଙ୍କା ବ୍ୟୟ ବରାଦ କରିଥିଲେ । ଏଥିରେ ୨୦୨୧ ଇଣ୍ଡିଆନ ଷ୍ଟେଟ ଅଫ୍ ଫରେଷ୍ଟ ରିପୋର୍ଟ (ଆଇଏଫଏସଆର) ଦେଶର ୪,୯୯୨ ବର୍ଗ କିଲୋମିଟରର ହେନ୍ତାଳ ବନ ସୁରକ୍ଷା ସହିତ ପ୍ରାୟ ୭୫୦୦ କିଲୋମିଟରର ସମୁଦ୍ର ତଟରେ ହେନ୍ତାଳ ବନର ନୂତନ ସମ୍ଭାବନାକୁ ନିଶ୍ଚିତ କରାଯିବ । ମାତ୍ର ଗତ ୨୦୨୨- ୨୩ ବଜେଟରେ ଏହି ବ୍ୟୟ ବରାଦକୁ ୨୫ କୋଟିକୁ ହ୍ରାସ କରାଯାଇଥିବା ବେଳେ ଏହି ମିଶନ ପାଇଁ ଚଳିତ ବର୍ଷ ମାତ୍ର ୧୨.୫୦ କୋଟି ଟଙ୍କାକୁ ହ୍ରାସ କରାଯାଇଛି । ମିଶନର ବଜେଟ ଅର୍ଥ ହ୍ରାସ କରାଯାଇଥିବା ବେଳେ ଏମ୍‌ଜିଏନଆରଇଜିଏସ ବଜେଟକୁ ମଧ୍ୟ ହ୍ରାସ କରାଯାଇଛି । ସାଧାରଣରେ ହେନ୍ତାଳବନ ପାଇଁ ମଞ୍ଜିରୁ ଗଛ ପ୍ରାୟ ୫୦ ପ୍ରତିଶତ ଉଧାଉ ଥିବା ବେଳେ ଚାରାରେ ୬୦ ପ୍ରତିଶତ ସଫଳତା ମିଳୁଛି । ଏହାସହିତ ଗୋଟିଏ ଗଛ ପୂର୍ଣ୍ଣାଙ୍ଗ ହେବାକୁ ପ୍ରାୟ ୩ ବର୍ଷ ଲାଗିଥାଏ । ଏମ୍‌ଜିଏମ୍‌ଆରଇଜିଏସ୍ ଓ କାମ୍ପା ଅର୍ଥ ବାର୍ଷିକ ହୋଇଥିବାରୁ ହେନ୍ତାଳବନର ସୁରକ୍ଷା ଏବେ ପ୍ରଶ୍ନବାଚୀ ସାଜିଛି । ସେହିପରି ମଧୁର ଜଳର ଅଭାବ ଭିତରକନିକା ଆଦ୍ରଭୂମିରେ ଦେଖାଦେଇଛି। ଏଥିସହିତ ଶିଳ୍ପ, ଚିଙ୍ଗୁଡି ଘେରି, ଅନୁପ୍ରବେଶ ଜନିତ ଆଦି ପ୍ରଦୂଷଣ ନୂତନ ବନର ସୃଷ୍ଟିରେ ବାଧକ ହେବା ସହିତ ବନାଞ୍ଚଳ ନଷ୍ଟ କରୁଛି । ସମୁଦ୍ର ତଟକ୍ଷୟକୁ ରୋକାଯାଇ ପାରୁନାହିଁ । ଭିତରକନିକାର ଅସ୍ତିତ୍ୱ ଉପରେ ଏହି ବଜେଟରେ ଯଥେଷ୍ଟ ପ୍ରଭାବ ପକାଇବ ବୋଲି ସେମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି । ଏସମ୍ପର୍କରେ ଡିଏଫ୍‌ଓ ସୁଦର୍ଶନ ଗୋପିନାଥ ଯାଦବ କହିଛନ୍ତି, ହେନ୍ତାଳ ବନ ସୃଷ୍ଟି ପାଇଁ ଏଠାରେ ପ୍ରୟାସକୁ ଜୋରଦାର କରାଯାଇଛି । ଚାରା ପାଇଁ ସ୍ୱତନ୍ତ୍ର ନର୍ସରୀ ସହ ଆଦ୍ରଭୂମିରେ ଚାରାରୋପଣ ଓ ରକ୍ଷଣାବେକ୍ଷଣକୁ ଗୁରୁତ୍ୱ ଦିଆଯାଇଛି ।

## ନୂତନ ବିଡିଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଡେରାବିଶ, ୧୧।୨(ସ୍ୱ.ପ୍ର.)**

ଡେରାବିଶ ବ୍ଲକରେ ନୂତନ ବିଡ଼ିଓ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ଦାସରଥି ଜେନାଙ୍କୁ ସ୍ୱାଗତ ଓ ପ୍ରାକ୍ତନ ବିଡ଼ିଓ ନମିତା ବାରିକଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ଯାଜପୁର ଜିଲାର ଓଲାଶୁଣୀ ଗୁମ୍ଫାରେ ଆୟୋଜିତ ଉତ୍ସବରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ ଅଧ୍ୟକ୍ଷତା କରିଥିଲେ । ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭଶ୍ରୀ ଦଳେଇ, ଏବିଡ଼ିଓ ଭଞ୍ଜ କିଶୋର ନାୟକ, ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ସାବିତ୍ରୀ ମନ୍ତ୍ରୀ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ନନ୍ଦିନୀ ଶତପଥୀଙ୍କ ସମେତ ବହୁ ସରପଞ୍ଚ ଓ ସମିତିସଭ୍ୟ ଏହି ଉତ୍ସବରେ ଯୋଗଦେଇ ବିଡ଼ିଓ ଜେନା ଓ ବାରିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସୂଚନା ଥାଉକି ବିଡ଼ିଓ ବାରିକଙ୍କୁ ଭଦ୍ରକ ଜିଲା ତିହିଡ଼ି ବ୍ଲକକୁ ବିଡ଼ିଓ ଭାବେ ବଦଳି କରାଯାଇଥିବା ବେଳେ ତାଳଚେର ତହସିଲଦାର ଜେନାଙ୍କୁ ଡେରାବିଶର ବିଡ଼ିଓ ଭାବେ ଅବସ୍ଥାପିତ କରାଯାଇଛି ।

## ଭାଜପା ଯୁବମୋର୍ଚ୍ଚା କାର୍ଯ୍ୟାଳୟ ଉଦ୍‌ଘାଟିତ

**ରାଜନଗର,୧୧।୨(ଡି.ଏନ.ଏ.)**

ରାଜନଗର ବ୍ଲକ ସାନବଡ଼ ଗୋପାଳପୁର ଠାରେ ଭାରତୀୟ ଜନତା ପାର୍ଟିର ଯୁବ ମୋର୍ଚ୍ଚା କାର୍ଯ୍ୟାଳୟ ଶନିବାର ଉଦ୍‌ଘାଟି ହୋଇଯାଇଛି। ଯୁବ ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ କମିଟି ସଦସ୍ୟ ଯୁବନେତା ଲଳିତ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବ ମୋର୍ଚ୍ଚା କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାନସଭା ପ୍ରଭାରୀ ସୁନାକର ପ୍ରଧାନ, ଯୁବନେତା ଅଜୟ କୁମାର ବେହେରା, ଶ୍ରୀଧର ପ୍ରଧାନ, କ୍ରୀଷ୍ଣା ବେହେରା ପ୍ରମୁଖ ଯୋଗଦେଇଥିଲେ। ଆଗକୁ ସାଧାରଣ ନିର୍ବାଚନ ଥିବା ବେଳେ ଭାଜପା ଯୁବ ସଙ୍ଗଠନକୁ ମଜବୁତ କରିବା ପାଇଁ ଏହି କାର୍ଯ୍ୟାଳୟ ଉଦ୍‌ଘାଟିତ କରାଯାଇଛି ବୋଲି ଯୁବନେତା ବେହେରା କହିଛନ୍ତି।

## ଗୁଣି ସନ୍ଦେହରେ ଯୁବକଙ୍କୁ ଗୁଳିମାଡ଼

**ଆର.ଉଦୟଗିରି, ୧୧।୨ (ଡି.ଏନ.ଏ.)**

ଗୁଣି ଗାରେଡ଼ି ସନ୍ଦେହରେ ଜଣେ ଯୁବକଙ୍କୁ ଗୁଳି ମାଡ଼ ହୋଇଥିବା ଅଭିଯୋଗ ହୋଇଛି। ଗଜପତି ଜିଲା ଅଡ଼ବା ଥାନା ଅନ୍ତର୍ଗତ ଦାମଦୁଆ ପଞ୍ଚାୟତ ନିକଟସ୍ଥ ଘୁଡ଼ାପଙ୍କା ଗ୍ରାମର କପିଳେନ୍ଦ୍ର ମଳିକଙ୍କୁ ଦୁଇଜଣ ଯୁବକ ଗୁଡ଼ିମାଡ଼ କରିଛନ୍ତି। କପିଳେନ୍ଦ୍ର ନିଜ ମାମୁ ଘର ଗାଁ ବୁଡ଼ୀହୁରୁ ଯାଇ ଫେରୁଥିବା ବେଳେ ଘୁଡାପଙ୍କା ନିକଟରେ ଜଣେ ଯୁବକ ଠେଙ୍ଗାରେ ଆକ୍ରମଣ କରିଥିଲେ। ପରେ ଅନ୍ୟଜଣେ ଯୁବକ ଏକ ବୁଦା ଭିତରେ ଛକିରହି କପିଳେନ୍ଦ୍ରଙ୍କୁ ଗୁଳି କରିଥିଲେ। ପରେ ଯୁବକ ଦ୍ୱୟ ଫେରାର ହୋଇଯାଇଥିଲେ। ଖବର ପାଇ ଅଡ଼ବା ପୋଲିସ ଘଟଣାସ୍ଥଳରେ ପହଞ୍ଚି କପିଳେନ୍ଦ୍ରଙ୍କୁ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ପରେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ପୋଲିସ ୨୫/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ଗୁଡ଼ି ମାଡ଼ କରିଥିବା ଯୁବକଙ୍କ ପରିଚୟ ମିଳିନାହିଁ।

## ଛାତ୍ରୀଛାତ୍ର ନିଜ ଅନ୍ତର୍ନିହିତ ପ୍ରତିଭା ବିକଶିତ କଲେ ସଫଳତା ପାଇବେ


ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

**ପଟ୍ଟାମୁଣ୍ଡାଇ,୧୧।୨(ସ୍ୱ.ପ୍ର.)**

**ବାପୁଜୀ ବିଦ୍ୟାଶ୍ରମର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ**

ଆଜିର ପ୍ରତିଯୋଗିତାମୂଳକ ଦୁନିଆରେ ଛାତ୍ରୀଛାତ୍ରମାନେ ନିଜର ଅନ୍ତର୍ନିହିତ ପ୍ରତିଭାକୁ ନେଇ ଆଗକୁ ବଢିଲେ ନିଶ୍ଚିତ ସଫଳତା ହାସଲ କରିପାରିବେ ବୋଲି ଶୁକ୍ରବାର ବଳଭଦ୍ରପୁର ବାପୁଜୀ ବିଦ୍ୟାଶ୍ରମର ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ଯୋଗ ଦେଇ ବକ୍ତାମାନେ ପରାମର୍ଶ ଦେଇଛନ୍ତି। ପ୍ରଧାନଶିକ୍ଷକ ପ୍ରହଲ୍ଲାଦ ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ବର୍ଣ୍ଣାଢ୍ୟ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ରାଜ୍ୟ ସରକାର ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ଅନେକ ପଦକ୍ଷେପ ନେଇଛନ୍ତି । ଛାତ୍ରଛାତ୍ରୀମାନେ ନିଜର ଦୁର୍ବଳତାକୁ ଶକ୍ତିରେ ପରିଣତ କଲେ ସବୁ ଚ୍ୟାଲେଞ୍ଜର ମୁକାବିଲା କରିପାରିବେ ବୋଲି କହିଥିଲେ। ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନେ ନିଜର ପ୍ରତିଭାର ସଠିକ ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ ।

ଜନମଞ୍ଚ ଆବାହକ ପ୍ରଫେସର ଦୁର୍ଯ୍ୟୋଧନ ପରିଡା, ପ୍ରାଧାପିକା ଡ. ଅଳି ଦାଶ, ଜିଲା ସାମ୍ବାଦିକ ୟୁନିୟନ ଉପସଭାପତି ଅକ୍ଷୟ ସାହୁ, ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା,ଶିକ୍ଷାବିତ୍ ସର୍ବେଶ୍ୱର ମହାନ୍ତି ଓ ସାମାଜିକକର୍ମୀ ସୁବ୍ରତ ରାଉଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟଅତିଥି ଓ ଅନ୍ୟାନ୍ୟ ଅତିଥି କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ ।ଏଇ ଅବସରରେ ବିଦାୟୀ ପ୍ରଧାନଶିକ୍ଷକ ଆଦିକନ୍ଦ କୁଣ୍ଡଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବାର୍ଷିକ ଉତ୍ସବ ପୂର୍ବରୁ ବିଦ୍ୟାଶ୍ରମ ପରିସରରେ ପରିବେଶ ସୁରକ୍ଷାରେ ଆମର ଦାୟିତ୍ୱ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ସହକାରୀ ବନରକ୍ଷକ ପୁନମ ହାଁସଦା ମୁଖ୍ୟଅତିଥି,ପଟ୍ଟାମୁଣ୍ଡାଇ କଲେଜ ଉଦ୍ଭିଦ ବିଜ୍ଞାନ ପ୍ରାଧାପିକା ଡ. ଦାଶ,ପରିବେଶବିତ ବିଜୟ କବି, ଅଧାପିକା ଭଗବତୀ ରାଉତ,ପରିବେଶବିତ୍ ଗୋପୀନାଥ ଦାସ, ଖବରଦାତା ଭାସ୍କର ରାଉତରାୟ,ପୂର୍ବତନ ସରପଞ୍ଚ ବାବାଜୀ ଧଳ ଓ ଶିକ୍ଷକନେତା ବାବାଜୀ ଦାସ ପ୍ରମୁଖ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇ ପରିବେଶ ସୁରକ୍ଷା ଉପରେ ତାତ୍ତ୍ୱିକ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ଆନନ୍ଦ ମଲ୍ଲିକ,ହାଡିବନ୍ଧୁ ଭୂୟାଁ,ଅଲେଖ ପରିଡା ଓ ଉତ୍ତମ ରାଉତ ପ୍ରମୁଖ ପରିଚାଳନା କରିଥିଲେ ।

## ବଳଭଦ୍ରପୁର ପଞ୍ଚାୟତ କଲ୍ୟାଣ ମଣ୍ଡପ ଶିଳାନ୍ୟାସ

**ପଟ୍ଟାମୁଣ୍ଡାଇ,୧୧।୨(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକ ବଳଭଦ୍ରପୁର ପଞ୍ଚାୟତ କଲ୍ୟାଣ ମଣ୍ଡପର ଶିଳାନ୍ୟାସ କରାଯାଇଛି । ଏହି ଉପଲକ୍ଷେ ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝାଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପଞ୍ଚାୟତ କଲ୍ୟାଣମଣ୍ଡପ ଶିଳାନ୍ୟାସ କରିଥିଲେ । ଏହି ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଜିଲା ସାମ୍ବାଦିକ ୟୁନିୟନ ଉପସଭାପତି ଅକ୍ଷୟ ସାହୁ, ବଳଭଦ୍ରପୁର ସମିତିସଭ୍ୟ କୈଳାଶ ପରିଡା, ସାମାଜିକ କର୍ମୀ ସୁବ୍ରତ ରାଉଳ, ବଳରାମ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ବିଧାୟକ ବଳଭଦ୍ରପୁର ପଞ୍ଚାୟତ ଉପକଣ୍ଠରେ ପହଞ୍ଚିବା ପରେ ସ୍ଥାନୀୟ ଲୋକମାନେ ତାଙ୍କୁ ସ୍ୱାଗତ କରିବା ସହ ଶୋଭାଯାତ୍ରାରେ କଲ୍ୟାଣ ମଣ୍ଡପ ଶିଳାନ୍ୟାସ ସ୍ଥଳକୁ ପାଛୋଟି ନେଇଥିଲେ ।


ଶିଳାନ୍ୟାସ ଉତ୍ସବରେ ବିଧାୟକ ଧ୍ରୁବ ସାହୁ ଓ ଅନ୍ୟମାନେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି।

**ରାଜକନିକା,୧୧।୨(ଡି.ଏନ୍.ଏନ୍.)**

ରାଜକନିକା ବରାଡିଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ରମେଶ ଚନ୍ଦ୍ର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାଜକନିକା ମଣ୍ଡଳ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଦଳାଇ ଯୋଗଦେଇ କୁନିକୁନି ପିଲାମାନଙ୍କୁ ଶିକ୍ଷା ଓ ସହିତ ଅନ୍ତର୍ନିହିତ ଗୁଣର ବିକାଶ ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିକାଶ ସମିତିର କେନ୍ଦ୍ରାପଡ଼ା ଜିଲା ପ୍ରମୁଖ କପିଳ ଚରଣ ମିଶ୍ର ଯୋଗଦେଇ ଜଣେ ପିଲାକୁ ଭଲ ମଣିଷ କରିବା ଦିଗରେ ମା' ମାନଙ୍କ ଭୂମିକା ଅତୁଳନୀୟ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ବରାଡିଆ ସରପଞ୍ଚ ସଂଯୁକ୍ତା ବେହୁରା ଯୋଗ ଦେଇ ଶିଶୁମନ୍ଦିରର ନୀତି ଆଦର୍ଶ କଥା କହିଥିଲେ । ପ୍ରଧାନ ଆଚାର୍ଯ୍ୟ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ସମ୍ପାଦକ ତ୍ରିଲୋଚନ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ । ସେହିପରି ବିଦ୍ୟାଳୟର ସଭାପତି ଶିକ୍ଷାବିତ୍ ଲକ୍ଷ୍ମୀଧର ମିଶ୍ର ଗୁରୁଜୀଗୁରୁମାମାନଙ୍କୁ କୃତଜ୍ଞତା ଜଣାଇଥିଲେ । ଏହି ପରିପ୍ରେକ୍ଷୀରେ ଗୁରୁଜୀ ବିବେକାନନ୍ଦ ରାଉତରାୟଙ୍କ ସଂଯୋଜନାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବିଦ୍ୟାଳୟର ସମସ୍ତ ବର୍ଗର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନକରି ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ବିଦ୍ୟାଳୟର କୁନିକୁନି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନାଚ ଗୀତ, ଯୁଗଳ ସଙ୍ଗୀତ ଓ ନାଟକ ପରିବେଷଣ କରାଯାଇଥିଲା ।

# ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥାକୁ ନେଇ ଚିନ୍ତା

- ଆଜି ପର୍ଯ୍ୟନ୍ତ ନିର୍ମାଣ ହୋଇ ପାରିଲା ନାହିଁ ବସ୍‌ଷ୍ଟାଣ୍ଡ
- ରାସ୍ତା ଉପର ସାଜିଛି ବସ୍‌ଷ୍ଟପ୍
- ଜବରଦଖଲରେ ଏକାଧିକ ରାସ୍ତା

**ପଟ୍ଟାମୁଣ୍ଡାଇ,୧୧।୨(ସ୍ୱ.ପ୍ର.)**



ରାସ୍ତା ଉପରେ ଅଟକି ରହିଥିବା ବସ୍।

ଆଜିକାଲି ଲୋକେ ଅଧିକ ସଂଖ୍ୟାରେ ସହରାଭିମୁଖୀ ହେଉଛନ୍ତି । ଫଳରେ ସହରରେ ଲୋକସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ତେଣୁ ସହରରେ ପରିମଳ ବ୍ୟବସ୍ଥା ତଥା ଟ୍ରାଫିକ ବ୍ୟବସ୍ଥାରେ ନାନା ସମସ୍ୟା ଦେଖାଦେଉଛି। ଯାହାର ଜ୍ୱଳନ୍ତ ପ୍ରମାଣ ଦେଖିବାକୁ ମିଳୁଛି କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ । ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ରାସ୍ତା କଡ଼ରେ ଜବରଦଖଲ ସଂଖ୍ୟା ବଢୁଥିବା ବେଳେ ରାସ୍ତା ଗୁଡ଼ିକ ସଙ୍କୁଚିତ ହୋଇ ଲୋକଙ୍କ ଯିବା ଆସିବାରେ ବହୁବିଧ ସମସ୍ୟା ସୃଷ୍ଟି କରୁଛି। ରାଜ୍ୟ ରାଜ୍ୟମାର୍ଗରୁ ବାହାରି ଥିବା ଶାଖା ରାସ୍ତା ଗୁଡ଼ିକ ଏପରି ଭାବେ ଧୀରେ ଧିରେ ଅବରୋଧ ହୋଇ ଯାଉଛି। ଏହା ବ୍ୟତୀତ ରାଜ୍ୟମାର୍ଗ ରାସ୍ତାକୁ ଲାଗି ରହିଥିବା ସର୍ଭିସ୍ ରାସ୍ତା ବି ଅଧିକାଂଶ ସମୟ ଯାନବାହାନ ଓ ଉଠା ଦୋକାନୀଙ୍କ ଦ୍ୱାରା ଅବରୋଧ ହେଉଛି । ଫଳରେ ଟ୍ରାଫିକ ସମସ୍ୟା ବଢ଼ି ଚାଲିଛି। ଏଥିପାଇଁ ଦୁର୍ଘଟଣା ବଢ଼ିବା ସହିତ ମୃତାହତଙ୍କ ସଂଖ୍ୟା ଚିନ୍ତାର କାରଣ ହୋଇଛି ।

ଦୁଃଖର କଥା ଯେ ପଟ୍ଟାମୁଣ୍ଡାଇରେ ଆଜି ପର୍ଯ୍ୟନ୍ତ ବସଷ୍ଟାଣ୍ଡ ହୋଇ ପାରିନି। ବସକୁ ଅପେକ୍ଷା କରୁଥିବା ଯାତ୍ରୀମାନେ ଓ ସ୍କୁଲ୍ କଲେଜର ଛାତ୍ରୀଛାତ୍ରମାନେ ରାସ୍ତାରେ ବା ଦୋକାନ ଆଗରେ ଠିଆ ହୋଇ ରହୁଛନ୍ତି । ଏଥିପାଇଁ ରାସ୍ତାରେ ଭିଡ଼ ବଢୁଥିବାରୁ ଲୋକଙ୍କ ଯିବା ଆସିବା ମୁସ୍କିଲ ହୋଇପଡୁଛି । ଭିଡ଼ରେ କଲେଜ ଛାତ୍ରୀ ତଥା ମହିଳାମାନେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି । ବରିଷ୍ଠ ନାଗରିକମାନଙ୍କ ପାଇଁ ବି ସମସ୍ୟା ହେଉଛି । ରାସ୍ତା ପାର ହେବାକୁ ଟ୍ରାଫିକ ପୋଲିସର ବ୍ୟବସ୍ଥା ନ ଥିବାରୁ ଛକ ଜାଗାରେ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ହେଉଛି। ନିକଟ ଅତୀତରେ ଜଣେ ବ୍ୟକ୍ତି ନିଜ ସାଇକେଲ ଧରି ଠିଆ ହୋଇ ଥିବା ବେଳେ ପଛ ପଟରୁ ଏକ ଟ୍ରକ୍ ଆସି ଧକ୍କା ଦେଇଥିଲା । ଫଳରେ ସମ୍ପୃକ୍ତ ବ୍ୟକ୍ତି ଗୁରୁତର ହୋଇଥିଲେ । ପଟ୍ଟାମୁଣ୍ଡାଇ ପୌରପରିଷଦକୁ ୩୪ ବର୍ଷ ପୂରିଲା ପରେ ବି ବସ ଷ୍ଟାଣ୍ଡ ନ ଥିବାରୁ ଟ୍ରାଫିକ ସମସ୍ୟାର ସମାଧାନ ହୋଇ ପାରୁନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ରାସ୍ତା କଡ଼ରେ ଥିବା ଷ୍ଟ୍ରିଟ ଲାଇଟ୍ କେଉଁଠି ଜଳୁଛି ତ କୋଉଁଠି ବହୁଦିନ ଧରି ଅଚଳହୋଇ ରହିଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସଡ଼କ ଜନିତ ଦୁର୍ଘଟଣା ରୋକିବା ଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି । ସଚେତନତାଠାରୁ ଆରମ୍ଭ କରି ଟ୍ରାଫିକ ନିୟନ୍ତ୍ରଣ ଦିଗରେ ବହୁବିଧ ପଦକ୍ଷେପ ଗ୍ରହଣ କରାଯାଉଛି। ତଥାପି ଲକ୍ଷ୍ୟ ପୂରଣ ହୋଇପାରୁନାହିଁ। ଗାଁ ଗହଳିରୁ ସହର ପର୍ଯ୍ୟନ୍ତ ରାଜ୍ୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତାର ଛକସ୍ଥାନଗୁଡ଼ିକ ଜବରଦଖଲ ଯୋଗୁ ଏବେ ମରଣଯନ୍ତା ପାଲଟିଛି । ସେଭଳି ସ୍ଥାନରେ ଦୁର୍ଘଟଣା ଜନିତ ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଛି । ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହିତ ଉକ୍ତ ରାସ୍ତାର ଜବରଦଖଲ ହଟାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ସଂକ୍ଷେପରେ

### ନଦୀରେ ବୁଡ଼ି ବୃଦ୍ଧା ମୃତ

**ନୟାଗଡ଼ ଅଫିସ,୧୧।୨:** ନୟାଗଡ଼ ବ୍ଲକ ଲୁଣିଝରା ନଦୀରେ ଗାଧୋଉଥିବାବେଳେ ଜଣେ ମହିଳା ବୁଡ଼ି ପ୍ରାଣ ହରାଇଛନ୍ତି । ମୃତକ ହେଲେ ହାଡିଆଣି ନାୟକ(୭୦)। ଘର ଇଟାମାଟି ଥାନା ଚମ୍ପତିପୁର ଜଗନ୍ନାଥସାହିରେ। ହାଡିଆଣି ଗାଧୋଉଥିବାବେଳେ ଶନିବାର ମଧାହ୍ନରେ ଗୋଡ ଖସି ଯାଇଥିଲା । ଘଟଣା ଜଣାପଡିବା ପରେ ଦୀର୍ଘ ସମୟ ଧରି ନଦୀରେ ଖୋଜାଖୋଜି କରାଯାଇଥିଲା । ହେଲେ ଟେର ମିଳି ନ ଥିଲା । ହେଲେ କିଛି ସମୟ ପରେ ନଦୀ ଜଳରେ ମୃତଦେହ ଭାସିଥିଲା । ପରିବାର ପକ୍ଷରୁ ହାଡିଆଣୀଙ୍କୁ ଉଦ୍ଧାର କରାଯାଇ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଇଟାମାଟି ଥାନା ପୋଲିସ ୨/୨୨ରେ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି ।

### ବଣିକ ମହାସଂଘର ନୂତନ ଗୃହ ଉଦ୍‌ଘାଟିତ

**ଦଶପଲ୍ଲା,୧୧।୨(ଡି.ଏନ.ଏ.):** ଶନିବାର ଦଶପଲ୍ଲା ଏନଏସିସ୍ଥିତ ହନୁମାନ ବଜାରରେ ମହାବୀର ବଣିକ ମହାସଂଘର ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି । ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଗୃହ ଉଦଘାଟନ କରିଥିଲେ । ମହାସଂଘର ସଭାପତି ଅଲେଖ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧକ୍ଷା ସୁନନ୍ଦା ସାହୁ, ଏନଏସି ଅଧକ୍ଷା ପୁନମ୍ ପ୍ରିୟଦର୍ଶିନୀ, ଉପାଧକ୍ଷ କିଶୋର ଚନ୍ଦ୍ର ଦାଶ, ତହସିଲଦାର ଶ୍ରୀ କୁମାର ରଥ, ସମ୍ପାଦକ ପ୍ରଶାନ୍ତ କୁମାର ସାହୁ ଓ ଉମାକାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ମହାସଂଘର ସମସ୍ତ ସଦସ୍ୟ ସମେତ ବିଭିନ୍ନ ବଜାରର କମକର୍ତ୍ତା ଉପସ୍ଥିତ ଥିଲେ ।

### ରେଭିନ୍ୟୁ ସୁପରଭାଇଜରଙ୍କ ପଦୋନ୍ନତି

**ନୟାଗଡ଼ ଅଫିସ,୧୧।୨:** ନୟାଗଡ଼ ମ୍ୟୁନିସିପାଲିଟିର ରେଭିନ୍ୟୁ ସୁପର ଭାଇଜର କୈଳାଶ ଜେନାଙ୍କ ପଦୋନ୍ନତି ହୋଇଛି। ତାଙ୍କର ରେଭିନ୍ୟୁ ଅଫିସର ଭାବେ ଭୁବନେଶ୍ୱର ମ୍ୟୁନିସିପାଲିଟି କର୍ପୋରେଶନକୁ ବଦଳି ହୋଇଛି । ସୋମବାର ଜେନା ଭୁବନେଶ୍ୱରରେ କାର୍ଯ୍ୟରେ ଯୋଗ ଦେବେ ବୋଲି କହିଛନ୍ତି ।

### ଅବସରପ୍ରାପ୍ତ ଫାର୍ମାସିଷ୍ଟଙ୍କ ପରଲୋକ

**ଖଣ୍ଡପଡ଼ା,୧୧।୨(ସ୍ୱ.ପ୍ର.):** ଅବସରପ୍ରାପ୍ତ ଫାମାସିଷ୍ଟ ଅର୍ଜୁନ ସାହୁ(୭୭)ଙ୍କ ଗୁରୁବାର ପରଲୋକ ହୋଇଯାଇଛି । ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତ ପାଣୁସାହୁ ପାଟଣା ଗ୍ରାମର ସ୍ୱର୍ଗତ ସାହୁ ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରି ଅବସର ଗ୍ରହଣ କରିଥିଲେ । ଗତ କିଛି ମାସ ହେଲା ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଘରେ ଚିକିତ୍ସିତ ହେଉଥିଲେ । ଶଙ୍ଖତୋଟା ଶ୍ମଶାନ ଘାଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି । ଏକମାତ୍ର ପୁଅ ସନ୍ତୋଷ ମୁଖାଗ୍ନି ଦେଇଥିଲେ ।

# 'ସାମାଜିକ ଗଣମାଧ୍ୟମରେ କ୍ଷୟ ହେଉଛି ସତ୍ୟ'

## ଜିଲା ଜଜ୍ ସମ୍ମିଳନୀ ଉଦ୍‌ଘାଟିତ

- ମାମଲା ଫଇସଲାରେ ବଲାଙ୍ଗୀର, ନୟାଗଡ଼ ଓ ଦେବଗଡ଼ ଜିଲା ଶ୍ରେଷ୍ଠ

**କଟକ ଅଫିସ,୧୧।୨**



ଜିଲା ଜଜ୍ ସମ୍ମିଳନୀରେ ଅତିଥିମାନେ ବାର୍ଷିକ ରିପୋର୍ଟ ଉନ୍ମୋଚନ କରୁଛନ୍ତି।

ଓଡ଼ିଶା ହାଇକୋର୍ଟ ପକ୍ଷରୁ ୨ ଦିନିଆ ଜିଲା ଜଜ୍ ସମ୍ମିଳନୀ କଟକସ୍ଥିତ ଓଡ଼ିଶା ଜୁଡିସିଆଲ ଏକାଡେମୀଠାରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ସୁପ୍ରିମକୋର୍ଟ ବିଚାରପତି ସଞ୍ଜୀବ ଖାନ୍ନା ଏହାକୁ ଉଦ୍‌ଘାଟନ କରି କହିଥିଲେ, ଭାରତୀୟ ସଂସ୍କୃତି ମୁକୁଟରେ ଓଡ଼ିଶା ହେଉଛି ଏକ ମଣି। ନିୟମ ଆଧାରରେ ଠିକ୍, ସ୍ୱଚ୍ଛ ନିଷ୍ପତ୍ତି ହିଁ ହେଉଛି ନ୍ୟାୟ। ନ୍ୟାୟ ପ୍ରଦାନବେଳେ ପରିସ୍ଥିତିକୁ ସମ୍ଭାଳିବାରେ ବିଚାରପତିମାନେ ସେତିକି ତତ୍ପର ହେବାକୁ ସେ ପରାମର୍ଶ ଦେଇଥିଲେ। ସାମାଜିକ ଗଣମାଧ୍ୟମ ଦ୍ୱାରା ସତ୍ୟ କିପରି କ୍ଷୟ ହେଉଛି ତାହା ଉପରେ ଆଲୋକପାତ କରିଥିଲେ। ନ୍ୟାୟ ପ୍ରଦାନବେଳେ ନିରପେକ୍ଷତା ପ୍ରତି ଯତ୍ନବାନ ହେବା ଉଚିତ ବୋଲି ବିଚାରପତି ଖାନ୍ନା କହିଥିଲେ।

ସେହିପରି ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର କହିଥିଲେ, ୯ ବର୍ଷର ବ୍ୟବଧାନ ପରେ ଜିଲା ଜଜ୍ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ନ୍ୟାୟିକ ଅଭିଜ୍ଞତା ଶିକ୍ଷା କରିବାରେ ଏହା ବହୁ ଭାବେ ଫଳପ୍ରଦ ହେବ। ଜିଲା ଜଜ୍‌ମାନଙ୍କ ପରାମର୍ଶକ୍ରମେ ହାଇକୋର୍ଟମାମଲା ବୋଝ ହ୍ରାସ କରିବା ଦିଗରେ ପଦକ୍ଷେପ ନେଇ ଜିଲା କୋର୍ଟ ଜରିଆରେ ୫,୫୦,୩୯୨ ମାମଲା ସମାଧାନ କରାଇବାରେ ସକ୍ଷମ ହୋଇଛି। ୨୦୨୧ର ମାମଲା ଫଇସଲା ଅପେକ୍ଷା ୨୦୨୨ରେ ଫଇସଲା ହାର ୧୧୬.୦୨% ବୃଦ୍ଧି ପାଇଛି। ସେହିପରି ଜିଲା କୋର୍ଟରେ ୨୦୨୧ରେ ୭୨,୮୦୬ ମାମଲା ଫଇସଲା ହୋଇଥିବାବେଳେ ୨୦୨୨ରେ ୧,୬୧,୨୬୩ ମାମଲା ଫଇସଲା ହୋଇଛି। ମାମଲା ଫଇସଲା କ୍ଷେତ୍ରରେ ବଲାଙ୍ଗୀର, ନୟାଗଡ଼ ଓ ଦେବଗଡ଼ ଜିଲା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ଶ୍ରେଷ୍ଠତା ପ୍ରଦର୍ଶନ କରିଥିବା ମୁଖ୍ୟ ବିଚାରପତି ଘୋଷଣା କରିଥିଲେ। ୩ ଜିଲାର ଜିଲା ଜଜ୍ ଓ ମୁଖ୍ୟ ଜୁଡିସିଆଲ ମାଜିଷ୍ଟ୍ରେଟଙ୍କୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ବାର୍ଷିକ ବିବରଣୀ ଉନ୍ମୋଚିତ ହୋଇଛି। ଏଥିରେ ହାଇକୋର୍ଟ ଓ ଜିଲାକୋର୍ଟର ୨୦୨୨ ସମ୍ପର୍କିତ କାର୍ଯ୍ୟକାରିତା ଆଦିର ବିବରଣୀ ସ୍ଥାନ ପାଇଛି।

ଜିଲା ଜଜ୍‌ସମ୍ମିଳନୀ କମିଟି ଅଧ୍ୟକ୍ଷ ତଥା ହାଇକୋର୍ଟ ବିଚାରପତି ଶୁଭାଶିଷ ତାଳପତ୍ର ସ୍ୱାଗତ ଭାଷଣ ଦେଇ କହିଥିଲେ, ବିଚାର ବିଭାଗୀୟ ଅଧିକାରୀମାନଙ୍କ ଅଭିଜ୍ଞତାକୁ ଉପଯୋଗ କରି ନ୍ୟାୟିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ସମ୍ମିଳନୀର ଉଦ୍ଦେଶ୍ୟ। ଜିଲା ଜଜ୍ ଓ ବିଚାର ବିଭାଗୀୟ ଅଧିକାରୀମାନେ ନ୍ୟାୟ ପ୍ରଦାନବେଳେ ସମୟ, ସମାନତା, ସ୍ୱଚ୍ଛତା ଓ ସ୍ୱାଧୀନ ନିଷ୍ପତ୍ତି ନେବା ଉପରେ ଦୃଷ୍ଟି ଦେବାକୁ ବିଚାରପତି ତାଳପତ୍ର କହିଥିଲେ। ରାଜ୍ୟର ୩୦ଟି ଜିଲାରୁ ଜିଲା ଜଜ୍, ବରିଷ୍ଠ ଅଧିକାରୀ, ରାଜ୍ୟ ଆଇନସେବା ପ୍ରାଧିକରଣର ଅଧିକାରୀ ଓ ଓଡ଼ିଶା ଜୁଡିସିଆଲ ଏକାଡେମୀର ଅଧିକାରୀମାନେ ଉପସ୍ଥିତ ଥିଲେ। ଆଡ୍‌ଭୋକେଟ ଜେନେରାଲ, ଡେପୁଟି ସଲିସିଟର ଜେନେରାଲ ଅଫ୍ ଇଣ୍ଡିଆ ଫର୍ ଓଡ଼ିଶା ହାଇକୋର୍ଟ ଏବଂ ହାଇକୋର୍ଟ ବାର୍ ଆସୋସିଏଶନ୍‌ର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ବିଚାରପତି ଶଶିକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।

## ନିଆଁ ଲାଗି ୫ ଏକର ଆଖୁ ଫସଲ ନଷ୍ଟ



**ପାରଳାଖେମୁଣ୍ଡି, ୧୧।୨ (ଡି.ଏନ୍.ଏ)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ମହେନ୍ଦ୍ରତନୟା ନଦୀ ତଟ ତଥା ଠାକୁର ଅନୁକୂଳଚନ୍ଦ୍ରଙ୍କ ଆଶ୍ରମ ନିକଟରେ ଥିବା ଆଖୁ ବାଡ଼ରେ ଶନିବାର ନିଆଁ ଲାଗି ପ୍ରାୟ ୫ଏକରରୁ ଊର୍ଦ୍ଧ୍ୱ ଆଖୁଚାଷ ପୋଡ଼ି ନଷ୍ଟ ହୋଇଯାଇଛି। ନିଆଁ କିପରି ଲାଗିଲା ତାହା ସ୍ପଷ୍ଟ ହୋଇନାହିଁ। ଉକ୍ତ ଜମିଟି ପାରଳାଖେମୁଣ୍ଡି ସହରର ତେଲୁଗୁସୁଣ୍ଡିସାହି ଅଞ୍ଚଳର ଜଣେ ଚାଷୀଙ୍କ ହୋଇଥିବା ବେଳେ ସୀମାନ୍ତ ଆନ୍ଧ୍ରପ୍ରଦେଶ ଖର୍ଷୱାଡା ଅଞ୍ଚଳର ବି.କ୍ରିଷ୍ଣା ରାଓ ଏହି ଆଖୁ ଚାଷ କରୁଥିଲେ। ନିଆଁ ଲାଗିବା ଖବର ପାଇ ପାରଳାଖେମୁଣ୍ଡି ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ମଧ୍ୟଖଣ୍ଡ ହାଇସ୍କୁଲର ହୀରକ ଜୟନ୍ତୀ ପାଳିତ


ହୀରକ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି।

**ଦଶପଲ୍ଲା,୧୧।୨(ଡି.ଏନ.ଏ.)**

ଦଶପଲ୍ଲା ବ୍ଲକ୍ ମଧ୍ୟଖଣ୍ଡ ହାଇସ୍କୁଲର ହୀରକ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ପ୍ରତ୍ୟୁଷରୁ ସ୍ୱର୍ଗତ ରାମଚନ୍ଦ୍ର ପଣ୍ଡା ଏବଂ ଅନ୍ୟାନ୍ୟ ମନିଷିମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଯିବା ସହ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ପାର୍ଶ୍ୱବର୍ତ୍ତୀ ଗ୍ରାମ ପରିକ୍ରମା କରିଥିଲେ । ଅତିଥିମାନେ ଏହି ଅବସରରେ ପ୍ରଥମେ ୮୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଦ୍ୱିତଳ ଶ୍ରେଣୀ ଗୃହକୁ ଉଦ୍ ଘାଟନ କରିଥିଲେ । ପରେ ଅତିଥିମାନଙ୍କ ଦ୍ୱାରା ଏକ ସମ୍ମିଳନୀ କକ୍ଷର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା। ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବଳିଆରସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ପୂର୍ବତନ ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ,ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା,ଜିଲାପାଳ ରବିନ୍ଦ୍ର ନାଥ ସାହୁ, ବ୍ଲକ୍ ଅଧକ୍ଷା ସୁନନ୍ଦା ସାହୁ, ଉପାଧକ୍ଷା ଅନୁପମା ବେହେରା,ଆଲୁମିନ୍ କମିଟିର ମାଧବଚନ୍ଦ୍ର ମିଶ୍ର, ଆଇନଜିବୀ ଦୁଃଖିଶ୍ୟାମ ଦାଶ,ଶରତ ବେହେରା,ସାମାଜିକ କର୍ମୀ ଶିଶିର କୁମାର ଦାଶ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ । ଏହି ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ବହୁ ଛାତ୍ରୀଛାତ୍ର ଆଜି ଦେଶ ତଥା ବିଦେଶରେ ସୁନାମ ଅର୍ଜନ କରିଛନ୍ତି ବୋଲି ପ୍ରଧାନ ଶିକ୍ଷକ କହିଥିଲେ । ସଭା ଆରମ୍ଭରେ ପୁରାତନ ଛାତ୍ର ଶରତ ସାହୁ ତାଙ୍କ ସାଥିମାନଙ୍କୁ ନେଇ ଆବାହନୀ ସଙ୍ଗୀତ ଗାନ କରି ଥିଲେ । ସଭା ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ୭ବର୍ଷ ହେଲା କଲ୍ୟାଣ ମଣ୍ଡପ କାମ ଅଧାପନ୍ତରିଆ

**ବାଲିଗୁଡା,୧୧।୨ (ଡି.ଏନ୍.ଏ):**

ବାଲିଗୁଡା ବ୍ଲକ ଅନ୍ତର୍ଗତ ବାରଖମା ପଞ୍ଚାୟତଠାରେ ବ୍ଲକ ପ୍ରଶାସନ ଦ୍ୱାରା ୨୦୧୬-୧୭ରେ ଏକ ବିଜୁ କଲ୍ୟାଣ ମଣ୍ଡପ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ଏହି କାମ ଆଜି ପର୍ଯ୍ୟନ୍ତ ଅଧପନ୍ତରିଆ ହୋଇ ପଡିରହିଛି। ୭ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ଶେଷ ହୋଇପାରିନାହିଁ। ସୂଚନାଯୋଗ୍ୟ, ବାରଖମା ବନ୍ଧ ନିକଟରେ ବାଲିଗୁଡା ବ୍ଲକ ଦ୍ୱାରା ୩୫ଲକ୍ଷ ବ୍ୟୟରେ ଏକ ବିଜୁ କଲ୍ୟାଣ ମଣ୍ଡପ ନିର୍ମାଣ ନେଇ ପ୍ରସ୍ତାବ ଗୃହୀତ ହୋଇଥିଲା। ଗତ ୨୦୧୬-୧୭ ଆର୍ଥିକ ବର୍ଷରେ କାମ ଆରମ୍ଭ ହୋଇଥିଲା । ବାରଖମା ତଥା ଆଖପାଖ ଅଞ୍ଚଳର ଲୋକେ ବିବାହ,ବ୍ରତ,ସଭାସମିତି ଆଦି ନାନା କାର୍ଯ୍ୟ ଏହି କଲ୍ୟାଣ ମଣ୍ଡପରେ ବୋଲି ଆଶାବାନ୍ଧିଥିଲେ। କିନ୍ତୁ ଅଞ୍ଚଳବାସୀଙ୍କ ସ୍ୱପ୍ନ ସେମିତି ସ୍ୱପ୍ନରେ ରହିଛି। ଏହି କାର୍ଯ୍ୟ ଆରମ୍ଭ ହୋଇ ଛାତ ପଡିବା ଲେବଲ ପର୍ଯ୍ୟନ୍ତ ଯାଇଛି। କିନ୍ତୁ ତା' ପରଠାରୁ କାମ ବନ୍ଦ ହୋଇଯାଇଛି। ପାଖାପାଖି ୩୫ ଲକ୍ଷ ଅଟକଳ ମୂଲ୍ୟରୁ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇସାରିଛି। କିନ୍ତୁ ଛାତ ପଡ଼ିପାରିନାହିଁ।

ଏ ବାବଦରେ ଅଞ୍ଚଳବାସୀ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହେଲେ ବି କିଛି ସୁଫଳ ମିଳୁନାହିଁ। ଅଞ୍ଚଳବାସୀ ସଂପୃକ୍ତ ଠିକାଦାରଙ୍କୁ ପଚାରିବାରୁ ସେମାନେ କହିଛନ୍ତି ଯେ ବ୍ଲକର ଭୁଲ ପାଇଁ ଏହି କାମ ହୋଇପାରୁ ନାହିଁ । ଏହି ବାବଦରେ ବାଲିଗୁଡା ବିଡିଓ ଶଶାଙ୍କ ଶେଖର ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ୫ଲକ୍ଷ ଟଙ୍କା ରଖାଯାଇଛି। ଯଦି ଏତିକିରେ କାମ ନସରିବ ତେବେ ଅଧିକ ଟଙ୍କା ଖର୍ଚ୍ଚ କରାଯିବ।

## ୧୫ରେ ପଞ୍ଚାୟତ, ୧୬ରେ ବ୍ଲକ ଘେରିବ ବିଜେଡି

### ଆବାସ ଓ ଚାଉଳ ରାଜନୀତି

**ନୟାଗଡ଼ ଅଫିସ,୧୧।୨**

ଆବାସ ଯୋଜନାରେ ଟାର୍ଗେଟ କମିବା ଓ ମାଗଣା ରାଶନ ଚାଉଳ ପ୍ରଦାନରେ ଗଡବଡ କରିବାକୁ ନେଇ କେନ୍ଦ୍ର ସରକାରଙ୍କ ବିରୋଧରେ ଆନ୍ଦୋଳନ ଡାକରା ଦେଇଛି ବିଜେଡି । ଏହି ଅବସରରେ ନୟାଗଡ଼ ବିଜେଡି କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ କରାଯାଇ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଆନ୍ଦୋଳନ କରିବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଏଣୁ ଚଳିତ ମାସ ୧୫ରେ ପଞ୍ଚାୟତ କାର୍ଯ୍ୟାଳୟ ଓ ୧୬ରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହିତ କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବର ଜବାବ ଦେବାକୁ ନିଷ୍ପତ୍ତି ହୋଇଛି।

## ବାତ୍ୟା ଆଶ୍ରୟସ୍ଥଳ ଗେଟ୍ ପଡ଼ି ୫ମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ

**ଖଲ୍ଲିକୋଟ,୧୧।୨ (ଡି.ଏନ୍.ଏ):**

ବାତ୍ୟା ଆଶ୍ରୟସ୍ଥଳୀ ଗେଟ୍ ପଡ଼ି ଜଣେ ୫ମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହୋଇଛି। ଏଭଳି ଦୁଃଖଦ ଘଟଣା ଘଟିଛି ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ତୁଳସୀପୁର ଗ୍ରାମରେ। ଶନିବାର ସନ୍ଧ୍ୟାରେ ତୁଳସୀପୁର ଗ୍ରାମର କରୁଣା ପାହାନଙ୍କ ପୁଅ ପବିତ୍ର କେତେକ ପିଲାଙ୍କ ସହିତ ବାତ୍ୟା ଆଶ୍ରୟସ୍ଥଳୀ ନିକଟରେ ଖେଳୁଥିଲେ। ଏହି ସମୟରେ ହଠାତ୍ ଗେଟ୍ ଭାଙ୍ଗି ତାଙ୍କ ଉପରେ ପଡ଼ିଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ବାତ୍ୟା ଆଶ୍ରୟସ୍ଥଳୀଟି ନିମ୍ନମାନର କାମ ହୋଇଥିବାରୁ ଏଭଳି ଦୁଃଖଦ ଘଟଣା ଘଟିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୋଲିସ ୫/୨୩ରେ ମାମଲା ରୁଜୁ କରିଛି।

# ଲୋକ ଅଦାଲତରେ ୬୧୯ ମାମଲା ଫଇସଲା

**ଫୁଲବାଣୀ ଅଫିସ, ୧୧।୨**

ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲା ଜଜ୍‌ଙ୍କ ଅଦାଲତରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ମୋଟ ୬୧୯ଟି ମାମଲା ଫଏସଲା ହୋଇଛି । ସେଥି ମଧ୍ୟରୁ ୫ଟି ଏନ୍. ଆଇ. ଆକ୍ଟ ମାମଲାର ବିଚାର କରାଯାଇ ୯ଲକ୍ଷ ୭୪ହଜାର ୭୭୮ଟଙ୍କା ଆଦାୟ କରା ଯାଇଥିବା ବେଳେ ୭ଟି ଅର୍ଥ ଅସୁଲି ମାମଲାର ବିଚାର କରାଯାଇ ୨ଲକ୍ଷ ୬୬ହଜାର ୩୩୭ ଟଙ୍କା ଆଦାୟ ହୋଇଛି। ୭ଟି ମୋଟର ଯାନ ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲାରେ ୪୩ ଲକ୍ଷ ଟଙ୍କା, ୨୪ଟି ବୈବାହିକ ବିବାଦ ମାମଲାର ଫଏସଲା କରାଯାଇ ୪ଲକ୍ଷ ୧୬ହଜାର ଟଙ୍କା, ୫୪୬ଟି ରାଜସ୍ୱ ମାମଲାର ବିଚାର କରାଯାଇ ୩୮ହଜାର ୬୬୩ ଟଙ୍କା ଆଦାୟ କରାଯାଇଛି।

ଅନ୍ୟାନ୍ୟ ୧୮ଟି ଅପରାଧିକ ମାମଲାର ବିଚାର ହୋଇ ୩ହଜାର ଟଙ୍କା ଆଦାୟ କରାଯାଇଛି। ସେହିପରି ପ୍ରାକ୍ ମାମଲାରେ ଗୋଟିଏ ଅର୍ଥ ଅସୁଲ କେସ୍‌ରେ ୬ଲକ୍ଷ ୪୮ହଜାର ୭୦୦ ଟଙ୍କା ଆଦାୟ କରାଯାଇଛି। ୨୦ଟି ସ୍ଥାୟୀ ଲୋକ ଅଦାଲତକୁ ନେଇଥିବା ବିବାଦ ମାମଲାରେ ୧ ଲକ୍ଷ ୩୮ହଜାର ୨୮୬ ଟଙ୍କା ଆଦାୟ ହୋଇଛି । ୧୬ଟି ବକେୟା ଟେଲିଫୋନ୍ ବିଲ୍ ଆଦାୟ ବାବଦରେ ୧୬ହଜାର ୨୧୮ ଟଙ୍କା ଆଦାୟ ହୋଇପାରିଛି।

## କାର୍ ଦୁର୍ଘଟଣା, ଜଣେ ମୃତ

**କ, ନୂଆଗାଁ,୧୧।୨(ଡି.ଏନ୍.ଏ.)**

କନ୍ଧମାଳ ଜିଲା ନୂଆଗାଁ ବ୍ଲକର ଡାମେରିକିଆଠାରେ ଶନିବାର ୨ଟି କାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ପ୍ରକାଶ ମନ୍ଦାର। ଶୁକ୍ରବାର ରାତି ୯ଟାରେ ଏକ କାର ଫୁଲବାଣୀରୁ ବାଲିଗୁଡ଼ା ଯାଉଥିବା ସମୟରେ ଡାମେରିକିଆ ନିକଟରେ ଭାରସାମ୍ୟ ହରାଇ ରାସ୍ତାକଡ଼ ଗଛରେ ପିଟି ହୋଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ସେହି ଦୁର୍ଘଟଣାଗ୍ରସ୍ତ ଗାଡ଼ି ବାହାର କରିବା ପାଇଁ କିଛିଲୋକ ଘଟଣାସ୍ଥଳରେ ଠିଆ ହୋଇଥିବା ସମୟରେ ଫୁଲବାଣୀରୁ ବାଲିଗୁଡ଼ା ଯାଉଥିବା ଅନ୍ୟ ଏକ କାର ଲୋକଙ୍କୁ ଧକ୍କା ଦେଇ ଗଛରେ ପିଟି ହୋଇଥିଲା। ଫଳରେ ଜଣେ ଗୁରୁତର ହେବାସହ ଅନ୍ୟ କେତେଜଣ ସାମାନ୍ୟ ଆହତ ହୋଇଥିଲେ। ଗୁରୁତର ପ୍ରକାଶଙ୍କୁ ଫୁଲବାଣୀ ଡାକ୍ତରଖାନା ନେବା ସମୟରେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା।

# କେନ୍ଦ୍ର ସାହିତ୍ୟ ଏକାଡେମୀର ଧର୍ମଶାସ୍ତ୍ର ଚର୍ଚ୍ଚା, କବିତା ପାଠୋତ୍ସବ

**ଖଣ୍ଡପଡ଼ା,୧୧।୨ (ସ୍ୱ.ପ୍ର.)**


ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥି।

ଆନ୍ଧ୍ରପ୍ରଦେଶର ତିରୁପତିସ୍ଥିତ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ଶାସ୍ତ୍ରମାନଙ୍କରେ ବର୍ଣ୍ଣିତ ଧର୍ମଶାସ୍ତ୍ରୀୟ ତତ୍ତ୍ୱ ଉପରେ ଏକ ଆଲୋଚନା ଚକ୍ର ଏବଂ କବି ସମ୍ମେଳନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟ ତିରୁପତି ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ନୂଆଦିଲ୍ଲୀର ମିଳିତ ସହଭାଗିତାରେ ଆୟୋଜିତ ଉକ୍ତ ଆଲୋଚନାଚକ୍ରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଜି.ଆର. କୃଷ୍ଣମୂର୍ତ୍ତି ଅଧ୍ୟକ୍ଷତା କରିଥିବା ବେଳେ ଭାରତର ଅନେକ ବିଦ୍ୱାନ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଶିଷ୍ଟ ସଂସ୍କୃତ ବିଦ୍ୱାନ ପ୍ରଫେସର ବେମ୍ପଟି କୁଟୁମ୍ବ ଶାସ୍ତ୍ରୀ ଧର୍ମଶାସ୍ତ୍ର ସମ୍ବନ୍ଧ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରି ଭାରତୀୟ ଶାସ୍ତ୍ରମାନଙ୍କର ମହନୀୟତାକୁ ପ୍ରମାଣିତ କରିଥିଲେ। ବିଶ୍ୱର ପ୍ରତ୍ୟେକ ମାନବ ନିଜ ଧର୍ମକୁ ପାଳନ କରି ଜୀବନ ବଞ୍ଚିବା ପାଇଁ ଭାରତୀୟ ଶାସ୍ତ୍ରମାନେ ମତ ଦେଇଛନ୍ତି ବୋଲି ସେ ମତବ୍ୟକ୍ତ କରିଥିଲେ । ସିମଳାର ବିଶିଷ୍ଟ ଶିକ୍ଷାବିତ୍ ପଦ୍ମଶ୍ରୀ ପ୍ରଫେସର ଅଭିରାଜ ରାଜେନ୍ଦ୍ର ମିଶ୍ର କବିତା ସମ୍ମିଳନୀର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତୀୟ ଭାଷାରେ ଥିବା କାବ୍ୟ ସୌନ୍ଦର୍ଯ୍ୟକୁ ପ୍ରଶଂସା କରି ବୈଦେଶିକମାନେ ଭାରତର ଦୁଇଟି ତତ୍ତ୍ୱ– ଭାରତର ସଂସ୍କୃତି ଓ ଆମ ଦେଶର ସାହିତ୍ୟକୁ ବିଶେଷ ସମ୍ମାନ ଦିଅନ୍ତି ବୋଲି ପ୍ରକାଶ କରିଥିଲେ । ଏଥି ସହିତ ମିଶ୍ର ସଂସ୍କୃତ କାବ୍ୟ ପାଠ କରିବା ସହ ହିନ୍ଦୀ, ବଙ୍ଗାଳି, ଓଡ଼ିଆ ଇତ୍ୟାଦି ଭାଷାରୁ ସଂସ୍କୃତରେ ଅନୁବାଦ କରିଥିବା କାବ୍ୟ ପାଠକରି ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀର ସଚିବ ଡ. ଶ୍ରୀନିବାସ ରାଓ ନିଜର ଅଭିଭାଷଣରେ ଭାରତ ଭଳି ଏକ ସଂସ୍କୃତିସଂପନ୍ନ ରାଷ୍ଟ୍ରର ଶାସ୍ତ୍ରୀୟ ତତ୍ତ୍ୱକୁ ବିଶ୍ୱରେ ପ୍ରସାର କରିବା ପାଇଁ ସାହିତ୍ୟ ଏକାଡେମୀ ସଂକଳ୍ପବଦ୍ଧ । ଆୟୋଜିତ ଏହି ଦ୍ୱିଦିବସୀୟ ଆଲୋଚନାଚକ୍ରରେ ବିଶ୍ୱବିଦ୍ୟାଳୟର ସାହିତ୍ୟ ବିଭାଗର ମୁଖ୍ୟ ଅଧ୍ୟକ୍ଷ ପ୍ରଫେସର ସି.ରଙ୍ଗନାଥନ ଯୋଗଦେଇ ଭାରତର ବିଭିନ୍ନ ଭାଷାରେ ଅନେକ ସମ୍ବନ୍ଧ ରହିଥିବା ବେଳେ ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ସାହିତ୍ୟକୁ ଲୋକଲୋଚନକୁ ଆଣିବା ଦ୍ୱାରା ଅନେକ ଲୁକ୍କାୟିତ ତଥ୍ୟ ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପିତ କରାଯାଉଥିବା ସେ ସୂଚନା ଦେଇଥିଲେ । ତିରୁପତି ବିଶ୍ୱବିଦ୍ୟାଳୟର ଅଧ୍ୟାପକ ତଥା ଦୂରଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଡ. ଭାରତ ଭୂଷଣ ରଥ କାର୍ଯ୍ୟକ୍ରମକୁ ସଂଯୋଜନା କରି ମାନବ ନିଜର ସମୁଚିତ କର୍ମ ଆଚରଣ କରିବା ହେଉଛି ତାର ସର୍ବପ୍ରଥମ ଧର୍ମ । ଏହି ଧର୍ମ କିଭଳି ଆଚରଣ କରାଯିବ ତାହା ମନୁସ୍ମୃତି, ଯାଜ୍ଞବଲ୍କ୍ୟସ୍ମୃତି ପ୍ରଭୃତି ଅନେକ ଶାସ୍ତ୍ରରେ ଉପ ନିବନ୍ଧ ଅଛି। ଏଣୁ ଛାତ୍ରୀଛାତ୍ର ତଥା ଜନସାଧାରଣ ଅଧ୍ୟୟନଶୀଳ ହେବା ଆବଶ୍ୟକ ବୋଲି ଡ. ରଥ କହିଥିଲେ । ଶେଷରେ ସମସ୍ତ ପ୍ରତିଭାଗୀଙ୍କୁ ପ୍ରମାଣପତ୍ର ବିତରଣ କରାଯାଇଥିଲା । ସାହିତ୍ୟ ଏକାଡେମୀର ଉପ ସଚିବ ଏନ. ସୁରେଶ ବାବୁ ଧନ୍ୟବାଦ ପ୍ରଦାନ କରିଥିଲେ।

# କଟକ ମହିଳା ଟିମ୍ ବିଜୟୀ

### ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟରେ ପ୍ରଦର୍ଶନୀ ମ୍ୟାଚ

**ଖଣ୍ଡପଡ଼ା,୧୧।୨ (ସ୍ୱ.ପ୍ର.)**

ଖଣ୍ଡପଡ଼ା ସ୍ପୋର୍ଟସ ଏକାଡେମୀ ଆନୁକୁଲ୍ୟରେ ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପରିସରରେ ଚାଲିଥିବା ୪ର୍ଥ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ମେମୋରିଆଲ କପ୍ ଫୁଟବଲ ଟୁର୍ନାମେଣ୍ଟ ଅବସରରେ ଶନିବାର ଏକ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏଥିରେ କଟକ ଓ ଭୁବନେଶ୍ୱର ମହିଳା ଟିମ ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା। କଟକ ଟିମ ଭୁବନେଶ୍ୱରକୁ ଟାଇବ୍ରେକର ସହାୟତାରେ ୫-୩ଗୋଲରେ ପରାସ୍ତ କରି ବିଜୟୀ ହୋଇଛି । ଉଭୟ ଦଳର ଖେଳ ଶୈଳୀକୁ ଦର୍ଶକମାନେ ମନ ଭରି ଉପଭୋଗ କରିଥିଲେ । ଆଜିର ମ୍ୟାଚ ବେଶ ସଂଘର୍ଷପୂର୍ଣ୍ଣ ଥିଲା । ପ୍ରଥମ ଓ ଦ୍ୱିତୀୟାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ । ଫଳରେ ଟ୍ରାଇବେକର ପଦ୍ଧତିର ସହାୟତା ନିଆଯାଇଥିଲା । ମ୍ୟାଚକୁ ସୁବାସ ଚନ୍ଦ୍ର ବେହେରା ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସହାୟତା କରିଥିଲେ ବ୍ରହ୍ମାନନ୍ଦ ଭୋଇ ଓ କ୍ରୀଡା ଶିକ୍ଷକ ସମୀର କୁମାର ଖୁଣ୍ଟିଆ । ସୁଦିପ ଦାଶ ୪ର୍ଥ ରେଫରୀ ଭାବେ ଦାୟିତ୍ୱ ତୁଲାଇଥିଲେ । ମୁଖ୍ୟ ଅତିଥି ରୁପେ ନୟାଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ ଅଲେଖ ପହି ଏବଂ ସମ୍ମାନୀତ ଅତିଥି ରୁପେ ୬ନଂ. ଜିଲା ପରିଷଦ ସଭ୍ୟା ଉଜ୍ଜ୍ୱଳ ମହାରଣା ଓ ସ୍ଥପତି ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ଯୋଗ ଦେଇଥିଲେ । ରବିବାର ପତାକା କ୍ଲବ ଅନୁଗୋଳ ଓ ଭୁବନେଶ୍ୱର ଗଣ୍ଡରପୁର ଟିମ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଟୁର୍ନାମେଣ୍ଟର ମୁଖ୍ୟ ଆୟୋଜକ ବିଶିଷ୍ଟ କ୍ରୀଡାବିତ୍ ଭିକାରୀ ଖଣ୍ଡାୟତ କହିଛନ୍ତି ।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

